### ଅଗ୍ନିପଥକୁ ବିରୋଧ କରି ସତ୍ୟାଗ୍ରହ

ପଦ୍ମପୁର,(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ କାର୍ଯ୍ୟକର୍ତ୍ତା କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା ବିରୋଧରେ ପ୍ରତିବାଦ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଝାରବନ୍ଧ, ପାଇକମାଳ, ପଦ୍ମପୁର ଅଞ୍ଚଳର କଂଗ୍ରେସ ନେତୃମଣ୍ଡଳୀ ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରିଥିଲେ। ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ଗୌନ୍ତିଆ ସାହୁ, ବୀରାଦିତ୍ୟ ସାହୁ, ମୁଜାଫର ହୁସେନ, ବଲ୍ଲଭ ପାଣିଗ୍ରାହୀ, ଚମ୍ପକେଶ୍ୱର ପୁରୋହିତ, ସନ୍ତୋଷ ଶତପଥି, ପ୍ରଦୀପ ସାହୁ, କୁହୁରୁ ସାହୁ ଓ ଅନ୍ୟମାନେ ସତ୍ୟାଗ୍ରହରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ମହିଳା ପୋଷ୍ଟମାଷ୍ଟରଙ୍କ ଝୁଲନ୍ତା ମୃତଦେହ ଜବତ

**ଭବାନୀପାଟଣା,୨୭।୬(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ପୁରୁଣାଗୁମାରେ କାର୍ଯ୍ୟରତ ପୋଷ୍ଟମାଷ୍ଟର ଆରତୀ ଦଣ୍ଡସେନା(୨୨)ଙ୍କ ଝୁଲନ୍ତା ମୃତଦେହ ସ୍ଥାନୀୟ ଭଡାଘରୁ ପୋଲିସ ଜବତ କରିଛି। ତାଙ୍କ ଘର ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଝୁରିମାଲର ହୋଇଥିବା ବେଳେ ସେ ୨୦୨୦ଠାରୁ ପୁରୁଣାଗୁମାରେ ପୋଷ୍ଟମାଷ୍ଟର ଭାବେ ଯୋଗଦାନ କରିଥିଲେ। ତେବେ ତାଙ୍କ ମୃତ୍ୟୁର କାରଣ ଏବେ ବି ଅସ୍ପଷ୍ଟ ରହିଛି। ଏ ନେଇ ସ୍ଥାନୀୟ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ

**ନୂଆପଡ଼ା ଅଫିସ,୨୭।୬:** ନୂଆପଡା ଏନ୍ଏସି ୱାର୍ଡ ନଂ.୧୨ର ବାସିନ୍ଦା ଧରମ ସାହୁଙ୍କ ପୁତ୍ର ତାରାଚନ ସାହୁ (୫) ଜନ୍ମରୁ ଚାଲି ପାରୁ ନ ଥିବାରୁ ସୋମବାର ଏକ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ନୂଆପଡା ଏନ୍ଏସିକୁ ନୂଆଁ ଭାବରେ ରୂପାନ୍ତରିକରଣ କରିବା ଲକ୍ଷ୍ୟ ନେଇ ନିର୍ବାଚିତ ସମସ୍ତ ପ୍ରତିନିଧୀଙ୍କ ସହ ଚ୍ୟାରମେନ ମହମ୍ମଦ ଆଦାମ ଓ ଯୁବନେତା ହରିଶ୍ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଦିବ୍ୟାଙ୍ଗ ତାରାଚନଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଭିତରେ ଥିବା ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରି ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଉପସ୍ଥିତ ଚ୍ୟାରମେନ ଆଦାମ ପ୍ରକାଶ କରିଛନ୍ତି। ମଲୟ ରଞ୍ଜନ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

### ବୀମା ଟଙ୍କା ପ୍ରଦାନ ଦାବିରେ ଚାଷୀ ଜିଲାପାଳଙ୍କ ଦ୍ୱାରସ୍ଥ

**ଭବାନୀପାଟଣା,୨୭।୬(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଫୁଣ୍ଡା ଗ୍ରାମର ଅନେକ ଚାଷୀ ବୀମା ଟଙ୍କା ପ୍ରଦାନ ଦାବିରେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଅନେକ ଥର ସେମାନେ ପ୍ରଶାସନଙ୍କୁ ଗୁହାରି କରିଥିଲେ ମଧ କେହି ନ ଶୁଣିବାରୁ ଶେଷରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଫୁଣ୍ଡା ପଞ୍ଚାୟତର ଶତାଧିକ ଚାଷୀ ଗତ ୨୦୨୦-୨୧ରେ ଖରିଫ ଚାଷ ପାଇଁ ବୀମା ପୈଠ କରିଥିଲେ। ହେଲେ ସେହି ବୀମା ଟଙ୍କା ନ ମିଳିବାରୁ ଗୋଲାମୁଣ୍ଡା ବ୍ଲକ ପ୍ରଶାସନ ଓ ଜିଲା କୃଷି ବିଭାଗର ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ବ୍ଲକର ଅନ୍ୟ ପଞ୍ଚାୟତ ଚାଷୀମାନଙ୍କ ବୀମା ଟଙ୍କା ପ୍ରଦାନ କରାଯାଇ ଥିବାବେଳେ ଫୁଣ୍ଡା ପଞ୍ଚାୟତ ଜଣେ ହେଲେ ଚାଷୀଙ୍କୁ ବୀମା ଟଙ୍କା ପ୍ରଦାନ କରାଯାଇ ନାହିଁ। ଯଥାଶୀଘ୍ର ଜିଲାପାଳ ଏହି ସମସ୍ୟା ସମାଧାନ ପାଇଁ ଚାଷୀମାନେ ଦାବି କରିଛନ୍ତି।

### ପ୍ରାଣୀ ଚିକିତ୍ସା ଶିବିର

**ଖପ୍ରାଖୋଲ,୨୭।୬(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଓଡିଆପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପ୍ରାଣୀସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ମାଗଣା ପ୍ରାଣୀ ଚିକିତ୍ସା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଖପ୍ରାଖୋଲ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଜିତ କୁମାର ଶତପଥୀ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗଦେଇ ପ୍ରାଣୀସମ୍ପଦ ପାଳନ, ଜବରଦଖଲ ଗୋଚର ଜମି ଉଦ୍ଧାର ଉପରେ କହିଥିଲେ। ଶିବିରରେ ୪୮ ଜଣ ପ୍ରାଣୀପାଳକଙ୍କ ଗାଈ, ବଳଦ, ଛେଳି, ମେଣ୍ଢା, କୁକୁଡ଼ା , ବତକକୁ କୃମି ଔଷଧ,ଭିଟାମିନ, ହଜମି ପାଉଡର, ଲିଭର୍ ଟନିକ ବଣ୍ଟନ କରାଯାଇଥିଲା । ଓଡ଼ିଆପାଲି ସରପଞ୍ଚଙ୍କ ପ୍ରତିନିଧି ସୁବାଷ ଛୁରା , ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା ରାକେଶ କୁମାର ବେଦବାକ, ସୁରେଶ ସେଲମା, ସତ୍ୟାନନ୍ଦ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

### ନିଶା ନିବାରଣ ପାଇଁ ସଂକଳ୍ପ

**ପାଇକମାଲ,୨୭।୬(ଡି.ଏନ.ଏ.):** ବରଗଡ ଜିଲା ପାଇକମାଲ ବ୍ଲକ ମିଠାପାଲ ଗ୍ରାମପଞ୍ଚାୟତ ଅଧୀନ ନୂଆଗାଁରେ ସୋମବାର ନିଶା ନିବାରଣ ଦିବସ ପାଳିତ ହୋଇଛି। ନୂଆଗାଁ ସର୍କଲ ଗୋଁଣ୍ଡ ସମାଜ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସର୍କଲ ସଭାପତି ଶୋଭାରାମ ଧରୁଆଙ୍କ ନେତୃତ୍ୱରେ ନିଶା ନିବାରଣ ପାଇଁ ସମାଜର କର୍ମକର୍ତ୍ତା ଦୃଢ ସଂକଳ୍ପ ନେଇଛନ୍ତି। ପ୍ରତି ସର୍କଲର ଗୋଁଣ୍ଡ ସମାଜକୁ ଏଥିରେ ସାମିଲ କରି ନିଶାମୁକ୍ତ ଗୋଁଣ୍ଡ ସମାଜ ଗଠନ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଗୋଁଣ୍ଡ ସମାଜ ସର୍କଲ ସଭାପତି ଧରୁଆ କହିଛନ୍ତି। କାର୍ଯ୍ୟକ୍ରମରେ କପୁରଚନ ଧରୁଆ, ଜଗଦେବ ଧରୁଆ, ପଞ୍ଚା ଧରୁଆ, ମୁକ୍ତି ଧରୁଆ, ଧନୁଜ ଛତରିଆ, ବଳଦେବ ନେଟ ପ୍ରମୁଖ ଉପସ୍ଥିତ ଥିଲେ।

# କାମକୁ ଆସୁନି ଓଭରହେଡ୍ ପାଣି ଟାଙ୍କି

**ଖଡ଼ିଆଳ,୨୭।୬(ଡି.ଏନ.ଏ.)**

### ସପ୍ତାହକୁ ଦିନେ ଯୋଗାଣ ହେଉଛି ପାଣି

ପିଇବା ପାଣି ସମସ୍ୟା ସମାଧାନ ପାଇଁ ସରକାର ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ସମସ୍ତ ଆନୁସଙ୍ଗିକ ସୁବିଧା ଥାଇ ପିଇବା ପାଣି ପାଇପାରୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଜଳ ଯୋଗାଣ ନ ହୋଇ ୮ ଘଣ୍ଟା ଜଳ ଯୋଗାଣ ହେଉଥିବା ସରକାରୀ ତଥ୍ୟରୁ ସୂଚନା ମିଳିଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଗଡ୍ରାମୁଣ୍ଡା ଗ୍ରାମ ଓ ଫୋକଟ ପଡାରେ। ଗଡ୍ରାମୁଣ୍ଡା ଗ୍ରାମ ବ୍ଲକ କାର୍ଯ୍ୟାଳୟଠାରୁ ୫ ଶହ ମିଟର ଦୂରରେ ଥାଇ ଜଳ ଯୋଗାଣ ସମସ୍ୟା ସମ୍ମୁଖୀନ ହେଉଥିବା ବେଳେ ପଞ୍ଚାୟତଗୁଡିକ ଅବସ୍ଥା କ'ଣ ଥିବ ତାହା ସହଜେ ଅନୁମେୟ। କୁଶମାଲ ନଦୀରୁ ଗଡ୍ରାମୁଣ୍ଡା ଓ ଫୋକଟ ପଡାକୁ ଗୋଟିଏ ପାଣି ଟାଙ୍କିରୁ ଜଳ ଯୋଗାଣ ହେଉଛି। ହେଲେ ଜଳ ଯୋଗାଣ ଠିକ ଭାବେ ହେଉନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଉଭୟ ଗ୍ରାମକୁ ସପ୍ତାହକୁ ଦିନେ ପାଣି ଦେଉଥିବା ବେଳେ କେବଳ ଅଧଘଣ୍ଟା ପାଣି ଦେଉଛନ୍ତି। ଫଳରେ ଗ୍ରାମରେ ଲାଗିଥିବା ଟେପ ପାଖରେ ପାଣି ପହଞ୍ଚିବା ପୂର୍ବରୁ ବନ୍ଦ ହୋଇଯାଉଛି। ପିଇବା ପାଣିର ଅନ୍ୟ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଗ୍ରାମବାସୀ ନଳକୂଅଗୁଡିକର ଫ୍ଲୋରାଇଡ଼ ଯୁକ୍ତ ପାଣି ପିଇବାକୁ ବାଧ ହେବା ସହିତ ଅନେକ ସମୟରେ ପାଣି ଜନିତ ରୋଗର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। କେବଳ ଅଧ ଘଣ୍ଟା ପାଣି ଛଡ଼ାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଖଡ଼ିଆଳ ଜଳ ଓ ପରିମଳ ଯନ୍ତ୍ରୀଙ୍କୁ ପଚାରିବାରୁ ପାଣି ଠିକ ଭାବେ ପାଣି ଦିଆଯାଉଛି, ମୋ ପାଖରେ ଅଭିଯୋଗ ନାହିଁ ବୋଲି ପ୍ରକାଶ କରିଥିଲେ। ଜିଲା ପ୍ରଶାସନ ଦୃଷ୍ଟି ଦେଇ ଠିକ ଭାବେ ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଗ୍ରାମରେ ଥିବା ପାଣି ଟାଙ୍କି।

# ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ବିଶେଷ ଗୁରୁତ୍ୱ

**ଭବାନୀପାଟଣା,୨୭।୬(ସ୍ୱ.ପ୍ର.)**

### କଳାହାଣ୍ଡି ଜିଲାପାଳ ଭାବେ ଦାୟିତ୍ୱ ନେଲେ ପି. ଅନ୍ୱେଷା

କଳାହାଣ୍ଡିର ନୂତନ ଜିଲାପାଳ ଭାବେ ସୋମବାର ପି. ଅନ୍ୱେଷା ରେଡ୍ଡି ଦାୟିତ୍ୱ ନେଇଛନ୍ତି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନଙ୍କଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ମୟୂରଭଞ୍ଜ ଜିଲାରେ ପିଡି ଡିଆରଡିଏ ଭାବେ କାର୍ଯ୍ୟ ତୁଲାଉଥିଲେ। ନୂତନ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ ପରେ ତାଙ୍କୁ ଜିଲାର ବିଭିନ୍ନ ମହଲରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲାର ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ବିଶେଷ ଗୁରୁତ୍ୱ ଦିଆଯିବା ସହ ଶିକ୍ଷାକ୍ଷେତ୍ରକୁ ଅଗ୍ରଗତି କରାଯିବ ବୋଲି ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ସେହିପରି ଛାତ୍ରୀଛାତ୍ରଙ୍କୁ ନିଜର ଲକ୍ଷ୍ୟ ପଥରେ ଚାଲିବା ପାଇଁ ସେ ବାର୍ତ୍ତା ଦେଇଛନ୍ତି ।


ନୂତନ ଜିଲାପାଳ ପି. ଅନ୍ୱେଷା ରେଡ୍ଡି।

# ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ସମୀକ୍ଷା


ଗ୍ରାମସଭାରେ ଉପସ୍ଥିତ ଅତିଥିବୃନ୍ଦ।

**କୋକସରା,୨୭।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତରେ ସୋମବାର ପଞ୍ଚାୟତସ୍ତରୀୟ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଲଡୁଗାଁ ସରପଞ୍ଚ ନକୁଳ ନାଏକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ ଯୋଗଦେଇ ଗ୍ରାମସଭା ଉଦ୍‌ଘାଟନ କରିଥିଲେ। ଗ୍ରାମସଭା ହେଉଛି ପଞ୍ଚାୟତର ଜନତାଙ୍କ ପାଇଁ, ସେମାନେ ତାଙ୍କର ସମସ୍ତ ସୁବିଧା ଅସୁବିଧା ସମ୍ପର୍କରେ ଏହି ସଭା ମାଧ୍ୟମରେ ପ୍ରଶାସନ ନିକଟରେ ସମସ୍ୟା ଉପସ୍ଥାପନ କରିପାରିବେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଚନ୍ଦ୍ର ମାଝି, ସଚେତନ ନାଗରିକ ଅଶୋକ ଅଗ୍ରୱାଲ, ନାଏବ ସରପଞ୍ଚ ଶୋଭାଗିନୀ ଚଣ୍ଡି ଉପସ୍ଥିତ ରହିଥିଲେ। ଲଡୁଗାଁ ପଞ୍ଚାୟତରେ ଥିବା ବିଭିନ୍ନ ସମସ୍ୟା ଉପରେ ମତାମତ ରଖିବା ସହ ଲଡୁଗାଁ ଗ୍ରାମପଞ୍ଚାୟତ ବିକାଶ ଓ ଉନ୍ନୟନ ପାଇଁ ଆଗାମୀ ଦିନରେ ତତ୍ପର ରହି କାର୍ଯ୍ୟ କରିବେ ବୋଲି କହିଥିଲେ। ଗ୍ରାମସଭାରେ ଲଡୁଗାଁ ପଞ୍ଚାୟତ ବିଭିନ୍ନ ଗ୍ରାମରୁ ଶତାଧିକ ମହିଳାପୁରୁଷ ହିତାଧିକାରୀ ଓ ଜନସାଧାରଣ ନିଜର ବିଭିନ୍ନ ଅସୁବିଧା ଉପରେ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆବାସ ଘର, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ପିଡିଏସ ସାମଗ୍ରୀରୁ ବଞ୍ଚିତ ରହିବା ନେଇ ଅଭିଯୋଗ କରିବା ସହ ଆବେଦନ କରିଛନ୍ତି। ଉପସ୍ଥିତ ଜ ପ୍ରତିନିଧିମାନେ ଯୋଗ୍ୟତା ଅନୁସାରେ ଆଗାମୀ ଦିନରେ ସମସ୍ତ ହିତାଧିକାରୀଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ମାଝି ଗ୍ରାମସଭା ପରିଚାଳନା କରିଥିଲେ।

### ଆଦର୍ଶ ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ

**ଖଡ଼ିଆଳ,୨୭।୬(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ଆଦର୍ଶ ମହାବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ ଉତ୍ସବ ମହାବିଦ୍ୟାଳୟ ଅଧକ୍ଷ ଅକ୍ଷୟ କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଅଧକ୍ଷ ଫଣିନ୍ଦମ ସିଂଦେଓ, ମୁଖ୍ୟବକ୍ତା ଭାବେ ମେଜର ଡ଼ା ରାମଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଡ. ବିଜୟ କୁମାର ଦେ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସଙ୍ଗୀତ, ବକ୍ତୃତା, କେରମ, ଚ୍ୟାସ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅଧାପକ ଭୁବନେଶ୍ୱର ମୁଦୁଲି, ପ୍ରୀତି ସୁଧା ପ୍ରଧାନ, ସୌମ୍ୟା ସିଂ, ଶର୍ମିଷ୍ଠା ପଟ୍ଟନାୟକ, ଶୁଭଶ୍ରୀ ସାହୁ, ଜୟନ୍ତୀ ମାଥା, ଅନନ୍ୟା ଜେନା, ଭକ୍ତିସୁଧା ଦଣ୍ଡସେନା, ନୂତନ ମହାପାତ୍ର, କୁମୁଦିନି ସାହୁ, ସଙ୍ଗୀତା ମହାଉତି, ଶିବ ବାବୁ, ପରମାନନ୍ଦ ଜାନି, ନିବେଦିତା ବାରିକ ପ୍ରମୁଖ ଉପସ୍ଥିତଥିଲେ। ସ୍ୱସ୍ତିକ ସୁମନ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳା ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବେହେରା,୨୭।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ନିୟନ୍ତ୍ରିତ ବଜାର କମିଟି ପଡିଆରେ ଦଣ୍ଡପାଟ ଯୁବ ସେବା ସଙ୍ଗଠନ ପକ୍ଷରୁ ମହିଳା ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ଉପସଭାପତି ତରେଶ କୁମାର ବିଶିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବେହେରା ପୂର୍ବତନ ସରପଞ୍ଚ ସୁଚିତ୍ରା ଗୋପାଳ ଯୋଗଦେଇ ମହିଳା ଶଶକ୍ତ ଓ ଆତ୍ମନିର୍ଭରଶୀଳ ହେଲେ ଦେଶ ସମୃଦ୍ଧିଶାଳୀ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍ଏଚ୍ଜି ସଭାପତି ଯମୁନା ଗୋପାଳ, ସୁକାନ୍ତି ପାତ୍ର, ହୀରା ପଟେଲ, ଦକ୍ଷିଣା ନାଏକ, କ୍ଷୀର ବିଶି ଯୋଗଦେଇ ମହିଳାମାନେ ସ୍ୱାବଲମ୍ବୀ କିଭଳି ହେବେ ସେଥିପ୍ରତି ଦୃଷ୍ଟି ଆର୍କଷଣ କରିଥିଲେ। ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେଶନ ଉପସଭାପତି ତ୍ରିନାଥ ଚୌଧୁରୀ, ସମ୍ପାଦକ ଅବିନାଶ ମୁଣ୍ଡ ସାଧନ କର୍ମୀ ଭାବେ ଯୋଗଦେଇ ସରକାରଙ୍କ ମହିଳାମାନଙ୍କୁ ସ୍ୱାବଲମ୍ବନ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ଦିଷ୍ଟ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଶତାଧିକ ମହିଳା କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାବଲମ୍ବୀ ହେବା ସହ ପରିବାର ଠିକ ପ୍ରତିପୋଷଣ କରିବା ବୋଲି କହିଥିଲେ। ଏହି ଅବସରରେ ସମସ୍ତ ମହିଳାମାନଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ଦଣ୍ଡପାଟ ଯୁବ ସେବା ସଙ୍ଗଠନ ସମ୍ପାଦକ ଭୁଜବଲ ନାଏକ ପରିଚାଳନା କରିଥିବା ବେଳେ ସହସମ୍ପାଦକ ଶୁଶିଲ ଚନ୍ଦ୍ର ନାଗ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କୋଷାଧକ୍ଷ ଭିକାରୀ ଚରଣ ଗୋପାଳ, ହେମାଲ ବିଶି, ଈଶ୍ୱର ବାଣୁଆ, ରୁପେଶ ନାଏକ, ରିଙ୍କୁ ବିଶି ପ୍ରମୁଖ ସହଯୋଗ କରିଥିଲେ।

# ଖଡ଼ିଆଳ ବ୍ଲକ ସମ୍ମୁଖରେ ଧାରଣା

**ଖଡ଼ିଆଳ,୨୭।୬(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ନେତୃତ୍ୱରେ ସୋମବାର ଖଡ଼ିଆଳ ନିର୍ବାଚନ ମଣ୍ଡଳୀ କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ବ୍ଲକ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା ବାତିଲ ନେଇ ସତ୍ୟାଗ୍ରହ କରାଯାଇଛି। କେନ୍ଦ୍ର ସରକାରଙ୍କ ଅଗ୍ନିପଥ ନିଯୁକ୍ତି ଯୋଜନର ପ୍ରତ୍ୟାହାର କରିବା ସହ ଯୁବକଙ୍କୁ ନିଯୁକ୍ତି ବାହାନାରେ ଭ୍ରମ ସୃଷ୍ଟି କରି ସେମାନଙ୍କ ଜୀବନ ସହ ଖେଳ ଖେଳିବା ଗୋଟିଏ ପ୍ରୟାସ ଅଟେ। ତେଣୁ ଏହି ଯୋଜନାକୁ ଶୀଘ୍ର ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ବାରମ୍ବାର ଇଡିରେ ହାଜର କରିବା କେନ୍ଦ୍ର ସରକାରଙ୍କ ଆକ୍ରୋଶ ମୂଳକ କାର୍ଯ୍ୟ ବୋଲି କର୍ମୀମାନେ ନିଜର ବକ୍ତବ୍ୟ ରଖିଥିଲେ। ସତ୍ୟାଗ୍ରହରେ ବ୍ଲକ ସଭାପତି ଶ୍ୟାମ ସୁନ୍ଦର କୁଳଦିପ, ବୋଡ଼େନ ବ୍ଲକ ସଭାପତି ହୀରଲାଲ ମାଝି, ସିନାପାଲି ବ୍ଲକ ସଭାପତି ଜୟପାଳ ନାୟକ ଏବଂ ପିସିସି ସଦସ୍ୟ ଫାରୁକ ମହମ୍ମଦ, ଜିଲା ଯୁବ କଂଗ୍ରେସ ସଭାପତି କପିଳେନ୍ଦ୍ର ଭୋଇ, ଯୁବ କଂଗ୍ରେସ ମୁଖପାତ୍ର ବିଭୁଦତ୍ତ ଯୋଶୀ, ଜିଲା ଓବିସି ସେଲ ସଭାପତି ହୀରାଧର ମେହେରଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ଏହି ଉପଲକ୍ଷେ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ନାରାୟଣ ସାହୁଙ୍କୁ ପ୍ରଦାନ କରିଥିଲେ ।


ଖଡ଼ିଆଳ ନିର୍ବାଚନ ମଣ୍ଡଳୀ କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ବ୍ଲକ ସମ୍ମୁଖରେ ଧାରଣା।

### ମୋବାଇଲ ଲୁଟ୍, ଜଣେ ଗିରଫ

**ପଦ୍ମପୁର,୨୭।୬(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଆଦର୍ଶ ଥାନା ଅଧୀନ ବୁଧାପାଲି ଗ୍ରାମର ଜଣେ ଛାତ୍ରୀଙ୍କ ମୋବାଇଲ ଫୋନ୍ ଲୁଟ୍ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସତୀଭଟା ଗ୍ରାମର ଲିଣ୍ଟୁ ସାହୁ। ତାଙ୍କଠାରୁ ମୋବାଇଲ ଓ ଗୋଟିଏ ବାଇକ୍ (ନଂ.ଓଡି୧୭କେ/୭୨୬୩) ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ଗତ ୨୪ତାରିଖରେ ଉକ୍ତ ଛାତ୍ରୀ ଜଣଙ୍କ ପାଠପଢା ସାରି ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଜଣକ ବାଇକରେ ଆସି ତାଙ୍କ ମୋବାଇଲକୁ ଛଡାଇ ନେଇ ପଳାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରିଥିଲା।

# ନଳକୂପ ଅଚଳ: ମରାମତି ଦାବି

**ବିନିକା,୨୭।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧୀନ ସିଂଘିଯୁବା ହାଇସ୍କୁଲ ଛକରେ ଥିବା ନଳକୂପ ଦୀର୍ଘଦିନ ହେବ ଅଚଳ ହୋଇପଡିଛି । ଫଳରେ ଏହା ଉପରେ ନିର୍ଭର କରୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ସିଂଘିଯୁବା ହାଇସ୍କୁଲ ଛକ ଅଞ୍ଚଳର ଜନବହୁଳ ଛକ ଭାବରେ ପରିଚିତ । ଏହି ଛକ ଦେଇ ଜନସାଧାରଣ ବ୍ୟାଙ୍କ, ଆର୍ଆଇ ଅଫିସ, ପୋଷ୍ଟ ଅଫିସ, ପ୍ରାଣୀ ଚିକିତ୍ସା ଉପକେନ୍ଦ୍ର, ଫରେଷ୍ଟ ବିଟ ଅଫିସ,ହାଇସ୍କୁଲକୁ ଯିବାଆସିବା କରନ୍ତି । ଛକରେ ରହିଥିବା ହୋଟେଲ,ଚା-ଦୋକାନୀ ଉପରୋକ୍ତ ନଳକୂପରୁ ପାଣି ସଂଗ୍ରହ କରି ନିଜର ଦୈନିକ ଆବଶ୍ୟକତା ତୁଲାଇଥାନ୍ତି। କୌଣସି ଦୂର ସ୍ଥାନକୁ ଯିବା ପାଇଁ ବସକୁ ଏହି ଛକରେ ଅପେକ୍ଷା କଲାବେଳେ ନଳକୂପ ପାଣି ଶୋଷ ମେଣ୍ଟାଉଥିଲା । କିନ୍ତୁ ନଳକୂପଟି ଅଚଳ ହୋଇ ପଡିଥିଲେ ହେଁ ଏହାକୁ ମରାମତି କରାଯାଉନାହିଁ । ଯଥାଶୀଘ୍ର ନଳକୂପ ମରାମତି କରିବା ପାଇଁ ସିଂଘିଯୁବା ହାଇସ୍କୁଲ ଛକ ଦୋକାନୀଙ୍କ ପକ୍ଷରୁ ଦାବି ହେଉଛି । ଏନେଇ ବିନିକା ବ୍ଲକ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ସତ୍ୟବ୍ରତ ବଳଙ୍କୁ ପଚାରିବାରେ ନଳକୂପ ମରାମତି ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ୨୫୧କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ପାଇଁ ନଗରସ୍ତରୀୟ ପ୍ରସ୍ତୁତି

**ସିନାପାଲି,୨୭।୬(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲିଠାରେ ହେବାକୁ ଥିବା ୨୫୧କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ପାଇଁ ସିନାପାଲି ନଗରସ୍ତରୀୟ ପ୍ରସ୍ତୁତି ବୈଠକ ସ୍ଥାନୀୟ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶଶିଶେଖର ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଏବଂ ଅନ୍ୟତମ ଅତିଥି ଭାବେ ବୈଶମ୍ପାୟନ ମେହେର, ନୀଳମଣି ମେହେର, ଡମ୍ବରୁଧର ମେହେର, ହୃଦାନନ୍ଦ ମାଝି, ଲମ୍ବୋଦର ମେହେର, ପ୍ରଦୀପ ଜୈନ ପ୍ରମୁଖ ମଞ୍ଚାସୀନ ଥିଲେ। ସିନାପାଲି ଅଞ୍ଚଳର ଗୌରବକୁ ଅକ୍ଷୁର୍ଣ୍ଣ ରଖି ଏହି ମହାଯଜ୍ଞ ସଫଳ କରିବାକୁ ସାମୂହିକ ମତପ୍ରକାଶ ପାଇଥିଲା। ମହାଯଜ୍ଞ କମିଟି ସଭାପତି ତରୁଣ କୁମାର ମେହେର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ମେହେର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଶାନ୍ତିକୁଞ୍ଜ ହରିଦ୍ୱାରଠାରୁ ଆସିଥିବା ଶକ୍ତି କଳସ ରଥ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ମଙ୍ଗଳବାରଠାରୁ ଏହି ରଥ ୧୧ଟି ଜିଲା ସମେତ ପଡୋଶୀ ଛତିଶଗଡ଼ କିଛି ଜିଲା ପରିକ୍ରମା କରିବ ବୋଲି ଜଣାପଡ଼ିଛି। ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ। କମିଟି ସମ୍ପାଦକ ତ୍ରିନାଥ ମେହେର ଧନ୍ୟବାଦ ଦେଇଥିଲେ।


ବୈଠକରେ ମହାଯଜ୍ଞ ଉପରେ ଆଲୋଚନା କରାଯାଉଛି।

# କଂଗ୍ରେସର ସତ୍ୟାଗ୍ରହ ଆନ୍ଦୋଳନ

**ଭବାନୀପାଟଣା/ଜୁନାଗଡ଼/ ଲାଞ୍ଜିଗଡ଼,୨୭।୬ (ସ୍ୱ.ପ୍ର./ ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ଦେଶର ବିଭିନ୍ନ ସ୍ଥାନରେ ବିରୋଧ କରାଯିବା ସହ ଠିକା ନିଯୁକ୍ତି ପ୍ରତ୍ୟାହାର ଦାବିରେ ଅନେକ ରାଜନୈତିକ ଦଳଠାରୁ ଆରମ୍ଭ କରି ଆଶାୟୀ ପ୍ରାର୍ଥୀଙ୍କ ବିକ୍ଷୋଭ ଦେଖିବାକୁ ମିଳୁଛି। ଏପରିସ୍ଥଳେ

### ଅଗ୍ନିପଥ ଯୋଜନାକୁ ବିରୋଧ

ଏଆଇସିସି ସଭାପତି ସୋନିଆ ଗାନ୍ଧୀଙ୍କ ଆହ୍ୱାନକ୍ରମେ ସୋମବାର କଳାହାଣ୍ଡି ଜିଲା କଂଗ୍ରେସ ପକ୍ଷରୁ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଛି। ଭବାନୀପାଟଣା କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ଜିଲା ଯୁବ ନେତା ସାଗର ଚରଣ ଦାସଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ବରିଷ୍ଠ ନେତା ବ୍ରଜ ସାହୁ, ସନ୍ତୋଷ ମୁଣ୍ଡ, ସୁରେଶ ପଟ୍ଟନାୟକ, ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ମହମ୍ମଦ ସାହେବ, ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ଜିଲା ଛାତ୍ର ସଭାପତି ସୁଶାନ୍ତ ପ୍ରଧାନୀ, ଯୁବ କଂଗ୍ରେସ ଉପସଭାପତି ପିଣ୍ଟୁ ଅଗ୍ରୱାଲ, ଉପସଭାନେତ୍ରୀ ମନ୍ଦାକିନୀ ବାଣୁଆ, ନଗର କଂଗ୍ରେସ ସଭାପତି ସାଗର ପଟ୍ଟନାୟକ, ବ୍ଲକ ସଭାପତି ସୁବାସ ପ୍ରଧାନ, ସରୋଜ ବାଗ, ପ୍ରମିଳା ମଲ୍ଲିକ, କାଉନସିଲର ସଚିନ ନାଏକ, ଗୌର ସାହୁ, ମହମ୍ମଦ ଅଲ୍ଲୀ ପ୍ରମୁଖ ଯୋଗଦେଇ ଥିଲେ। କେନ୍ଦ୍ର ସରକାର ଶୀଘ୍ର ଅଗ୍ନିପଥ ଯୋଜନାକୁ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଭୟାଭୟ ଆନ୍ଦୋଳନ କରାଯିବ ବୋଲି ଯୁବନେତା ସାଗର ଦାସ ଚେତାବନୀ ଦେଇଛନ୍ତି। ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର କଂଗ୍ରେସର ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଛି। ଏଥିରେ ଜିଲା କଂଗ୍ରେସ ସଭାପତି ଭାରତଭୂଷଣ ବେମାଲ, ଜିଲା କଂଗ୍ରେସ ଉପସଭାପତି ପରମାନନ୍ଦ ମାଝି, ଟି. ପ୍ରଭାକର ରାଓ, ପୁରୁଷୋତ୍ତମ ଦଣ୍ଡସେନା, ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସମେତ ବ୍ଲକର ୨୬ଟି ଗ୍ରାମପଞ୍ଚାୟତରୁ ୩୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଯୋଗଦେଇଥିଲେ। କଂଗ୍ରେସ ନେତା ଚାଞ୍ଚେର ମାଝି ଓ ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ ସଭାପତି ହରିହର କୁମାରଙ୍କ ନେତୃତ୍ୱରେ ଆୟୋଜିତ ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ବକ୍ତାମାନେ କେନ୍ଦ୍ରର କେନ୍ଦ୍ର ସରକାର ଏବଂ ମୋଦୀଙ୍କ ଉପରେ ବର୍ଷିଥିଲେ। ସେହିପରି ସୋନିଆ ଗାନ୍ଧୀ ଓ ରାହୁଲଙ୍କ ବିରୋଧରେ ରାଜନୈତିକ ଆକ୍ରୋଶ ରଖି ଇଡି ଦ୍ୱାରା ତଦନ୍ତ କରାଇବା ଘଟଣାକୁ ନେଇ ତୀବ୍ର ନିନ୍ଦା କରାଯାଇଛି। ସେହିପରି ଜୁନାଗଡ଼ ବ୍ଲକ ସମ୍ମୁଖରେ ସୋମବାର କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ ଓ ପ୍ରତିବାଦ ସଭା କରାଯାଇଛି। ଏଥିରେ ବ୍ଲକ ସଭାପତି ପରମେଶ୍ୱର ମୋଟେଲ, ନଗର ସଭାପତି ଅମିତ ଅଗ୍ରୱାଲ, ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜ, ଯୁବନେତା ପ୍ରଭାତ ଦାସ, ଚିତ୍ତ ରଞ୍ଜନ ନିଆଲ, ନବୀନ ଟାକରି, କୁମୁଦ ଗହୀର, ବୃନ୍ଦାବତୀ ବାରିକ, ସାଧୁଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଭବାନୀପାଟଣାଠାରେ କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ ଆନ୍ଦୋଳନ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୮ ଜୁନ୍, ୨୦୨୨



## ସଂକ୍ଷେପରେ

### ମହିଳା ପୋଷ୍ଟମାଷ୍ଟରଙ୍କ ଝୁଲନ୍ତା ମୃତଦେହ ଜବତ

**ଭବାନୀପାଟଣା,୨୭।୬(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ପୁରୁଣାଗୁମାରେ କାର୍ଯ୍ୟରତ ପୋଷ୍ଟମାଷ୍ଟର ଆରତୀ ଦଣ୍ଡସେନା(୨୨)ଙ୍କ ଝୁଲନ୍ତା ମୃତଦେହ ସ୍ଥାନୀୟ ଭଡାଘରୁ ପୋଲିସ ଜବତ କରିଛି। ତାଙ୍କ ଘର ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଝୁରିମାଲର ହୋଇଥିବା ବେଳେ ସେ ୨୦୨୦ରୁ ପୁରୁଣାଗୁମାରେ ପୋଷ୍ଟମାଷ୍ଟର ଭାବେ ଯୋଗଦାନ କରିଥିଲେ। ତେବେ ତାଙ୍କ ମୃତ୍ୟୁର କାରଣ ଏବେ ବି ଅସ୍ପଷ୍ଟ ରହିଛି। ଏ ନେଇ ସ୍ଥାନୀୟ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ

**ନୂଆପଡ଼ା ଅଫିସ,୨୭।୬:** ନୂଆପଡା ଏନ୍‌ଏସି ୱାର୍ଡ ନଂ.୧୨ର ବାସିନ୍ଦା ଧରମ ସାହୁଙ୍କ ପୁତ୍ର ତାରାଚନ ସାହୁ (୫) ଜନ୍ମରୁ ଚାଲି ପାରୁ ନ ଥିବାରୁ ସୋମବାର ଏକ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ନୂଆପଡା ଏନ୍‌ଏସିକୁ ନୂଆଁ ଭାବରେ ରୂପାନ୍ତରିକରଣ କରିବା ଲକ୍ଷ୍ୟ ନେଇ ନିର୍ବାଚିତ ସମସ୍ତ ପ୍ରତିନିଧୀଙ୍କ ସହ ଚ୍ୟାରମେନ ମହମ୍ମଦ ଆଦାମ ଓ ଯୁବନେତା ହରିଶ୍ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଦିବ୍ୟାଙ୍ଗ ତାରାଚନଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଭିତରେ ଥିବା ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରି ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଉପସ୍ଥିତ ଚ୍ୟାରମେନ ଆଦାମ ପ୍ରକାଶ କରିଛନ୍ତି। ମଲୟ ରଞ୍ଜନ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

### ବୀମା ଟଙ୍କା ପ୍ରଦାନ ଦାବିରେ ଚାଷୀ ଜିଲାପାଳଙ୍କ ଦ୍ୱାରସ୍ଥ

**ଭବାନୀପାଟଣା,୨୭।୬(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଫୁଣ୍ଡା ଗ୍ରାମର ଅନେକ ଚାଷୀ ବୀମା ଟଙ୍କା ପ୍ରଦାନ ଦାବିରେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଅନେକ ଥର ସେମାନେ ପ୍ରଶାସନଙ୍କୁ ଗୁହାରି କରିଥିଲେ ମଧ କେହି ନ ଶୁଣିବାରୁ ଶେଷରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଫୁଣ୍ଡା ପଞ୍ଚାୟତର ଶତାଧିକ ଚାଷୀ ଗତ ୨୦୨୦-୨୧ରେ ଖରିଫ ଚାଷ ପାଇଁ ବୀମା ପୈଠ କରିଥିଲେ। ହେଲେ ସେହି ବୀମା ଟଙ୍କା ନ ମିଳିବାରୁ ଗୋଲାମୁଣ୍ଡା ବ୍ଲକ ପ୍ରଶାସନ ଓ ଜିଲା କୃଷି ବିଭାଗର ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ବ୍ଲକର ଅନ୍ୟ ପଞ୍ଚାୟତ ଚାଷୀମାନଙ୍କ ବୀମା ଟଙ୍କା ପ୍ରଦାନ କରାଯାଇ ଥିବାବେଳେ ଫୁଣ୍ଡା ପଞ୍ଚାୟତ ଜଣେ ହେଲେ ଚାଷୀଙ୍କୁ ବୀମା ଟଙ୍କା ପ୍ରଦାନ କରାଯାଇ ନାହିଁ। ଯଥାଶୀଘ୍ର ଜିଲାପାଳ ଏହି ସମସ୍ୟା ସମାଧାନ ପାଇଁ ଚାଷୀମାନେ ଦାବି କରିଛନ୍ତି।

### ପ୍ରାଣୀ ଚିକିତ୍ସା ଶିବିର

**ଖପ୍ରାଖୋଲ,୨୭।୬(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଓଡିଆପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପ୍ରାଣୀସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ମାଗଣା ପ୍ରାଣୀ ଚିକିତ୍ସା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଖପ୍ରାଖୋଲ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଜିତ କୁମାର ଶତପଥୀ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗଦେଇ ପ୍ରାଣୀସମ୍ପଦ ପାଳନ, ଜବରଦଖଲ ଗୋଚର ଜମି ଉଦ୍ଧାର ଉପରେ କହିଥିଲେ।

# ଉଚିତ କ୍ଷତିପୂରଣ ନ ମିଳିଲେ ଜାଗା ଛାଡ଼ିବୁ ନାହିଁ

### ରେଳ ପ୍ରକଳ୍ପରେ ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ଶପଥ

**ଦେବଗଡ଼,୨୭।୬(ଡି.ଏନ.ଏ)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ବାହାଡାପୋଶି ଗ୍ରାମରେ ତାଳଚେର-ବିମଳାଗଡ଼ ରେଳପଥରେ ବିସ୍ଥାପିତ ହେବାକୁ ଥିବା ରେଙ୍ଗାଲୀ ବହୁମୁଖି ନଦୀବନ୍ଧ ଯୋଜନା ଓ ରାଉରକେଲା ଷ୍ଟିଲପ୍ଲାଣ୍ଟର ପୂର୍ବ ବିସ୍ଥାପିତଙ୍କର ଏକ ମହାମେଳି ଦେଖିବାକୁ ମିଳିଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଉଚିତ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେବା ଆଶଙ୍କାରେ ବାରକୋଟ ବ୍ଲକର ୧୯ଟି ମୌଜାର ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ଉଚିତ କ୍ଷତିପୂରଣ ପାଇଁ ସରକାର ନିର୍ଭର ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଜମି ଛାଡିବେ ନାହିଁ। ଆବଶ୍ୟକ ହେଲେ ଆତ୍ମାହୁତି ଦେବାକୁ ପଛାଇବେ ନାହିଁ ବୋଲି କଠୋର ନିଷ୍ପତ୍ତି ନେଇଥିବା ଜଣାପଡିଛି। ତାଳଚେର – ବିମଳାଗଡ଼ ରେଳପଥ ଜନସୁରକ୍ଷା କମିଟିର ସଭାପତି କ୍ଷେତ୍ରବାସୀ ଦଳବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହାମେଳିରେ ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟାସଦସ୍ୟ ଉପସ୍ଥିତ ରହି ମିଳିତ ଭାବେ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି।


ବାହାଡାପୋଶି ଗ୍ରାମରେ ବିସ୍ଥାପିତ ହେବାକୁ ଥିବା ଜନସାଧାରଣ।

ସୂଚନା ଅନୁଯାୟୀ ତାଳଚେର-ବିମଳାଗଡ଼ ରେଳପଥରେ ରେଙ୍ଗାଲୀ ନଦୀବନ୍ଧ ଏବଂ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଦ୍ୱାରା ପୂର୍ବରୁ ବିସ୍ଥାପିତ ହୋଇଥିବା ବାରକୋଟ ବ୍ଲକର ପ୍ରାୟ ୧୯ଟି ଗ୍ରାମର ବାସିନ୍ଦାଙ୍କର ଜମି ଅଧିଗ୍ରହଣ ହେବ। ମାତ୍ର ଜମି ହରାଇବାକୁ ଥିବା ପରିବାରଗୁଡିକୁ ସରକାର ଏକର ପ୍ରତି ଜମିର କ୍ଷତିପୂରଣ ମୂଲ୍ୟ ମାତ୍ର ଏକ ଲକ୍ଷରୁ ୨ଲକ୍ଷ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ କରିଛନ୍ତି। ଫଳରେ ପୁନଃ ବିସ୍ଥାପିତ ହେବାର ଦୁଃଖ ଏବଂ ଅଳ୍ପ କ୍ଷତିପୂରଣ ପାଇବାର ଆଶଙ୍କାରେ ସେମାନେ ଚିନ୍ତିତ ହୋଇପଡିବା ସହ ସେମାନଙ୍କ ମନରେ ଘୋର ନୈରାଶ୍ୟ ଭାବ ସୃଷ୍ଟି ହୋଇଛି। ଏଣୁ ସେମାନେ ସରକାରଙ୍କ ଏଭଳି ନିଷ୍ପତ୍ତିର ପୁନଃ ବିଚାର କରି ୨୦୧୩ ମସିହାରେ ଲାଗୁ କରାଯାଇଥିବା ସରକାରଙ୍କ ଭୂଅର୍ଜନ ଅଧିନିୟମ ଅନୁଯାୟୀ ଓ ବଜାର ଦର ଅନୁଯାୟୀ ଉଚିତ କ୍ଷତିପୂରଣ ପ୍ରଦାନ ପାଇଁ ଜିଲା ପ୍ରଶାସନ ଜରିଆରେ ଅନେକବାର ସରକାରଙ୍କ ନିକଟରେ ଦାବିକରି ଆସିଛନ୍ତି। ପୂର୍ବରୁ ରେଙ୍ଗାଲୀ ନଦୀବନ୍ଧ ଏବଂ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଦ୍ୱାରା ବିସ୍ଥାପିତ ହୋଇ ରେଳପ୍ରକଳ୍ପ ଦ୍ୱାରା ପୁଣିଥରେ ବିସ୍ଥାପିତ ହେବାକୁ ଥିବା ସାଧାରଣ ଲୋକ, ଆଦିବାସୀ ଏବଂ ଅନୁସୂଚିତ ଜାତିର ଲୋକଙ୍କ ପାଇଁ ସ୍ୱତନ୍ତ୍ର କ୍ଷତିପୂରଣ ବ୍ୟବସ୍ଥା କରିବା ପାଇଁ ମଧ ଅନୁରୂପ ଦାବି ଜଣାଇ ଆସୁଛନ୍ତି। ଏହା ସତ୍ତ୍ୱେ ସରକାର ସେମାନଙ୍କର ଦାବି ପୂରଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଏହାର ପ୍ରତିବାଦରେ ସେମାନେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡିଛି। ଏହି କ୍ରମରେ ସୋମବାର ସେମାନେ ବାହାଡାପୋଶି ଗ୍ରାମରେ ଏହି ମହାମେଳିର ଆୟୋଜନ କରିବା ସହ 'ମରିବୁ ପଛେ ଜାଗା ଛାଡିବୁ ନାହିଁ' ବୋଲି ମିଳିତ ଭାବ ଶପଥ ନେଇଥିବା ଜଣାପଡିଛି।

### ଦେବଗଡ଼ ଜିଲା କଂଗ୍ରେସର ଧାରଣା, ସତ୍ୟାଗ୍ରହ



**ଦେବଗଡ଼,୨୭।୬(ଡି.ଏନ.ଏ)**

ସେନା ବାହିନୀରେ ଠିକା ନିଯୁକ୍ତି ଅଗ୍ନିପଥ ଯୋଜନାର ପ୍ରତିବାଦରେ ସୋମବାର ଦେବଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବା ସହ ଗୋପବନ୍ଧୁ ଛକଠାରେ ସମୂହ ଧାରଣା ଓ ସତ୍ୟାଗ୍ରହ କରାଯାଇଥିଲା। ଦେବଗଡ଼ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଗୋପବନ୍ଧୁ ଛକଠାରେ ସମୂହ ଧାରଣା ଦିଆଯାଇଥିଲା। ଏହି ଧାରଣାରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, କଂଗ୍ରେସ କୃଷକ ସେଲ ସଭାପତି ସନ୍ତୋଷ କୁମାର ସାହୁ, ଏସ୍.ସି. ସେଲ ସଭାପତି ମୂଳ ନାୟକ, ପଛୁଆ ବର୍ଗ ସଭାପତି ଡିଲେଶ୍ୱର ସାହୁ, ତିଲେଇବଣି ବ୍ଲକ ସଭାପତି ଗଣେଶ ପ୍ରଧାନ, ଜିଲା କଂଗ୍ରେସ ଉପସଭାପତି ସୁବାସ ଚନ୍ଦ୍ର ଭୋଇ, ନଗର କଂଗ୍ରେସ ସଭାପତି ପ୍ରକାଶ ଦେବତା, ବରିଷ୍ଠ କଂଗ୍ରେସ ନେତା ନେତ୍ରାନନ୍ଦ ସାମଲ, ବସନ୍ତ କୁମାର ମିଶ୍ର, ପ୍ରମୋଦ କୁମାର ମିଶ୍ର, ସଚ୍ଚିଦାନନ୍ଦ ସାହୁ, ମିଡିଆ ସେଲ ସଂଯୋଜକ ପଞ୍ଚୁଲାଲ ବରାଇ, ତୀର୍ଥବାସୀ ଗଡନାୟକ, ପ୍ରମୋଦ ବାରିକ, ଅମରଜିତ ବାର୍ଲା, ଦୀପକ ବେହେରା, ସବିତା ନାୟକ, ଲୋକନାଥ ସାହୁଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ୪ ବର୍ଷିଆ ଠିକା ଚାକିରୀ ଯୋଜନା ଅଗ୍ନିପଥର ଦୃଢ ପ୍ରତିବାଦ କରିଥିଲେ। ଏଥିସହ ଏହି ଯୋଜନା ଦ୍ୱାରା ଯୁବକଙ୍କୁ ପ୍ରତାରିତ କରାଯାଉଥିବା ଦର୍ଶାଇ ତୁରନ୍ତ ବାତିଲ କରିବାକୁ ଦାବି କରିଥିଲେ। ଏହି ଅବସରରେ କଂଗ୍ରେସ ନେତା ଓ କର୍ମୀମାନେ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବାସହ ଟାୟାର ଜାଳି ଅଗ୍ନିପଥ ଯୋଜନାର ଦୃଢ ପ୍ରତିବାଦ କରିଥିଲେ। ସେହିପରି କେନ୍ଦ୍ର ସରକାର ଅଗ୍ନିପଥ ଯୋଜନାକୁ ବାତିଲ ନ କଲେ ଆନ୍ଦୋଳନଜାରୀ ରହିବ ବୋଲି ଚେତାବନୀ ଦେଇଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଦେବଗଡ଼,୨୭।୬(ଡି.ଏନ୍.ଏ.)**

ଦେବଗଡ଼ ଜିଲାପାଳଙ୍କର ସମ୍ମିଳନୀ କକ୍ଷଠାରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ଜନସାଧାରଣଙ୍କ ୧୬ଟି ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଏହା ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ ୧୨ଟି ବ୍ୟକ୍ତିଗତ ୪ଟି ସାମୂହିକ ସମସ୍ୟା ଉପରେ ଥିଲା। ବିଶେଷକରି ଶିକ୍ଷା, ସାପ କାମୁଡ଼ିବା, ନିଯୁକ୍ତି, ଜମିବାଡ଼ି ଓ ଭିନ୍ନକ୍ଷମଙ୍କୁ ଆର୍ଥିକ ସହାୟତା ସମୀକ୍ଷା ଉପରେ ଜନସାଧାରଣ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ପାଇକରାୟ, ପ୍ରକଳ୍ପ ନିର୍ଦ୍ଦେଶକ ଲୁକାଶ ପ୍ରଧାନ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଜିଲ୍ଲା ବନଖଣ୍ଡ ଅଧିକାରୀ ମଗର ଧନାଜି ରାଓ ସୋ ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



# ନାମାଙ୍କନପତ୍ର ଦାଖଲ ବେଳେ ଗଣ୍ଡଗୋଳ

### ସମବାୟ ସମିତି ସଭାପତି ନିର୍ବାଚନ

- ଅଧିକାରୀଙ୍କୁ ଆକ୍ରମଣ
- ଦାଖଲ ହୋଇଥିବା ନାମାଙ୍କନପତ୍ର ଚିରିଦେଲେ

**ଦେବଗଡ଼, ୨୭।୬(ଡି.ଏନ୍.ଏ)**

ସମବାୟ ସମିତି ସଭାପତି ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ବେଳେ ଗଣ୍ଡଗୋଳ ହୋଇଛି। ଦାଖଲ ହୋଇଥିବା ନାମାଙ୍କନପତ୍ର ଚିରିଦେଇଛନ୍ତି ବିରୋଧୀ ଗୋଷ୍ଠୀ। ଏଭଳି ଘଟଣା ଘଟିଛି ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଛେପିଲିପାଲି ଗ୍ରାମପଞ୍ଚାୟତର ଗାଙ୍ଗନଣ ସେବା ସମବାୟ ସମିତିରେ। ସୂଚନା ଅନୁଯାୟୀ, ଆସନ୍ତା ୪ ତାରିଖରେ ଗାଙ୍ଗନଣ ସେବା ସମବାୟ ସମିତିର ସଭାପତି ପଦ ନିମନ୍ତେ ନିର୍ବାଚନ ଦିବସ ଧାର୍ଯ୍ୟ ହୋଇଥିବାବେଳେ ସୋମବାର ସେଠାରେ ନାମାଙ୍କନପତ୍ର ଦାଖଲ ଚାଲିଥିଲା। ନିର୍ବାଚନ ଅଧିକାରୀ ଭାବେ ଛେପିଲିପାଲି ଗ୍ରାମପଞ୍ଚାୟତର ନିର୍ବାହୀ ଅଧିକାରୀ ପ୍ରଦୀପ ବେହେରା ନିୟୋଜିତ ହୋଇଥିଲେ। ପଞ୍ଚାନନ ସାହୁ ନାମକ ଜଣେ ଆଶାୟୀ ପ୍ରାର୍ଥୀ ତାଙ୍କର ନାମାଙ୍କନପତ୍ର ଦାଖଲ କରିଥିଲେ। ମାତ୍ର ଏହି ସମୟରେ ତାଙ୍କର ବିରୋଧୀ ଗୋଷ୍ଠୀର ତପନ ସାହୁ ଓ ଧନେଶ୍ୱର ଶବର ସେଠାରେ ପହଞ୍ଚି ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ବେହେରାଙ୍କୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ହାତରୁ ଦାଖଲ ହୋଇଥିବା ନାମାଙ୍କନପତ୍ର ଛଡ଼ାଇନେଇ ଚିରି ଦେଇଥିଲେ। ଆହତ ନିର୍ବାଚନ ଅଧିକାରୀ ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# କଂଗ୍ରେସର ପ୍ରତିବାଦ ସଭା, ଗଣଧାରଣା

### ଅଗ୍ନିପଥ ଯୋଜନାକୁ ବିରୋଧ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ

**ସୁନ୍ଦରଗଡ଼,୨୭।୬(ଡି.ଏନ୍.ଏ.)**

ଅଖିଳ ଭାରତୀୟ କଂଗ୍ରେସ କମିଟି ଓ ପ୍ରଦେଶ କମିଟିର ନିର୍ଦ୍ଦେଶ କ୍ରମେ ସୋମବାର କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା ବିରୋଧରେ ପ୍ରତିବାଦ କରାଯାଇଛି। ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଡିଆରଡିଏ ଛକଠାରେ ପ୍ରତିବାଦ ସଭା ଓ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରତିବାଦ ସଭା ଓ ଗଣଧାରଣାରେ ସୁନ୍ଦରଗଡ଼ ବିଧାନସଭା କ୍ଷେତ୍ରର ଦଳୀୟ ନେତୃବୃନ୍ଦ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଭୂଲନୀତି ଯୋଗୁ ଦେଶର ମିଲିଟାରୀ ସଂସ୍ଥା ଦୁର୍ବଳ ହେବ ବୋଲି ସଭାରେ ନେତୃବୃନ୍ଦ ଅଭିଯୋଗ କରି ଅଗ୍ନିପଥ ଯୋଜନାକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ରାଜଗାଙ୍ଗପୁର ବିଧାୟକ ଡ. ସିଏସ୍ ରାଜେନ ଏକ୍କା, ନିର୍ମଳ ନାଏକ, ମେଘନାଦ ନାଏକ, ଅମିତା ବିଶ୍ୱାଳ, କାଳୀପଦ ସାମଲ, ଅଜିତ ପ୍ରସାଦ, ପର୍ଶୁରାମ ସରାଫ, ମୁନୁ ସରାଫ, ଟାଉନ ସଭାପତି ନେପାଳ ଚନ୍ଦ୍ର ସାହୁ, ବିଶ୍ୱଜୀତ ପଟ୍ଟନାୟକ, ଭୁଲକୀ ସେଠ, ଶୁଭାଶୀଷ ବାନାର୍ଜୀ, ସତ୍ୟନାରାୟଣ ସାହୁ, ଭଜମନ ପଶାୟତ, ଦେବାଶିଷ ଦାଶ ପ୍ରମୁଖ କଂଗ୍ରେସ ନେତା ଯୋଗଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ।


ଡିଆରଡିଏ ଛକଠାରେ ପ୍ରତିବାଦ ସଭା, ଗଣଧାରଣା।



ରାଜଗାଙ୍ଗପୁର କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ କରାଯାଉଛି।

# ରାଜଗାଙ୍ଗପୁର କଂଗ୍ରେସର ସତ୍ୟାଗ୍ରହ

**ରାଜଗାଙ୍ଗପୁର, ୨୭।୬(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ବିରୋଧ କରି ଏହାର ପ୍ରତ୍ୟାହାର ଦାବିରେ ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ଏକ ଗଣ ସତ୍ୟାଗ୍ରହ ସୋମବାର ସ୍ଥାନୀୟ ରାଣିବନ୍ଧଠାରେ ଥିବା ବୀର ବିର୍ସାମୁଣ୍ଡା ପ୍ରତିମୂର୍ତ୍ତି ତଳେ ଅନୁଷ୍ଠିତ ହୋଇଥିଲା। ଏହି ସତ୍ୟାଗ୍ରହରେ ରାଜଗାଙ୍ଗପୁର ବିଧାୟକ ଡାକ୍ତର ସି.ଏସ ରାଜନ ଏକ୍କା, ବରିଷ୍ଠ କଂଗ୍ରେସ ସଦସ୍ୟ ପ୍ରଫୁଲ୍ଲ ଉପାଧ୍ୟାୟ, ଶଶୀଭୂଷଣ ଚୌରସିଆ, ସୁଧାଂଶୁ ସାହୁ ପ୍ରମୁଖ ବହୁ ଅନ୍ୟ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ରହିଥିଲେ।

# ମୋବାଇଲ ଲୁଟ୍, ଜଣେ ଗିରଫ

**ପଦ୍ମପୁର,୨୭।୬(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଆଦର୍ଶ ଥାନା ଅଧୀନ ବୁଧାପାଲି ଗ୍ରାମର ଜଣେ ଛାତ୍ରୀଙ୍କ ମୋବାଇଲ ଫୋନ୍ ଲୁଟ୍ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସତୀଭଟା ଗ୍ରାମର ଲିଣ୍ଟୁ ସାହୁ। ତାଙ୍କଠାରୁ ମୋବାଇଲ ଓ ଗୋଟିଏ ବାଇକ୍ (ନଂ.ଓଡି୧୭କେ/୭୨୬୩) ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ଗତ ୨୪ତାରିଖରେ ଉକ୍ତ ଛାତ୍ରୀ ଜଣଙ୍କ ପାଠପଢା ସାରି ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଜଣକ ବାଇକରେ ଆସି ତାଙ୍କ ମୋବାଇଲକୁ ଛଡାଇ ନେଇ ପଳାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରିଥିଲା।

# ୨୦ବର୍ଷ ପୁରୁଣା ପୋଖରୀର ପୁନରୁଦ୍ଧାର ଦାବି

**କୁତ୍ରା,୨୭।୬(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା ଭାଲୁମୁଣ୍ଡା ବସ୍ତିରେ ରହିଛି ଏକ ଦୀର୍ଘ ୨୦ ବର୍ଷର ପୁରୁଣା ପୋଖରୀ। ତେବେ ବର୍ତ୍ତମାନ ଏହି ପୋଖରୀ ଅବହେଳିତ ଅବସ୍ଥାରେ ଅଛି। ଏହି ପୋଖରୀ ଗ୍ରାମବାସୀଙ୍କ ବ୍ୟବହାର ପାଇଁ ଏକମାତ୍ର ପୋଖରୀ ରହିଥିବା ବେଳେ ବର୍ତ୍ତମାନ ତାହା ଲୋକଙ୍କ ବ୍ୟବହାରରେ ଆସୁନହିଁ। ଦୀର୍ଘ ୨୦ ବର୍ଷର ପୋଖରୀ ୩ ବର୍ଷ ହେଲାଣି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପଞ୍ଚାୟତ ଓ ବ୍ଲକରେ ବାରମ୍ବାର ଅଭିଯୋଗ କଲେ ମଧ କେହି ଶୁଣୁ ନ ଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଧିରେ ଧିରେ ମାଟିପୋତି ହେବା ସହ ତାର ପାହାଚ ସବୁ ଭାଙ୍ଗିରୁଜି ଯାଇଛି। ଏହା ସହିତ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି। ପାହାଚ ଭଲ ନ ଥିବାରୁ ଗ୍ରାମର ବହୁ ମହିଳା ପୁରୁଷ ଗାଧୋଇବା ଏବଂ କପଡା ଧୋଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଥଚାରୀମାନେ ମଧ ବ୍ୟବହାର କରି ପାରୁନାହାନ୍ତି। ଖରା ଦିନରେ ଗାଈବଳଦ ମଧ୍ୟ ତାର ପାଣି ପିଇବା ପାଇଁ ବ୍ୟବହାର କରି ପାରୁନାହାନ୍ତି। ଏହି ପୋଖରୀର ପୁନରୁଦ୍ଧାର ହେଲେ ଗ୍ରାମବାସୀ ଏବଂ ତା' ସହିତ ପଥଚାରୀଙ୍କ ମଧ ବ୍ୟବହାରରେ ଆସିପାରିବ।


ପୋଖରୀ ଅବହେଳିତ ଅବସ୍ଥାରେ ଅଛି।

# ହେମଗିରରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି

### ବାଙ୍କିବାହାଲ-ଟପରିଆ ରାସ୍ତା ସମ୍ପର୍କିତ ବିଭିନ୍ନ ସମସ୍ୟାର ସମାଧାନ ନେଇ ଜିଲାପାଳଙ୍କୁ ଭେଟିଲେ ଜନଶକ୍ତି ବିକାଶ ପରିଷଦ ପ୍ରତିନିଧି

**ସୁନ୍ଦରଗଡ଼,୨୭।୬(ଡି.ଏନ୍.ଏ.)**

ହେମଗିରି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡା.ପରାଗ ହର୍ଷଦ ଗାଭାଲି ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣି କରିଛନ୍ତି। ଜନଶକ୍ତି ବିକାଶ ପରିଷଦର ଏକ ପ୍ରତିନିଧି ମଣ୍ଡଳୀ ରାଜେନ୍ଦ୍ର ନାଏକ ଓ ବୀରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବାଙ୍କିବାହାଲ-ଟପରିଆ ରାସ୍ତା ସମ୍ପର୍କୀତ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ,ବାଙ୍କିବାହାଲ-ଟପରିଆ ରାସ୍ତା ହେମଗିର ବ୍ଲକର ଟପରିଆ, କୁଚେଡେଗା, ଗର୍ଜନ ଯୋର, ଝାରପଲମ, ମୁଣ୍ଡେରକ୍ଷେତ, କେନ୍ଦୁଡିହି, ଗୋପାଳପୁର, ସୁମୁରା ଓ ତୁମୁଲିଆ ଆଦି ୯ଟି ଗ୍ରାମ ପଞ୍ଚାୟତର ଜୀବନରେଖା ସଦୃଶ। ଏହି ରାସ୍ତା ଦେଇ ଏହି ପଞ୍ଚାୟତବାସୀ ଦୈନନ୍ଦିନ ସ୍କୁଲ, କଲେଜ, ବ୍ୟାଙ୍କ, ଲ୍ୟାମ୍ପ୍ସ, ଡାକ୍ତରଖାନା, ପଞ୍ଚାୟତ ଅଫିସ ଯିବା ଆସିବା କରିଥାନ୍ତି। ମାତ୍ର ଏହି ରାସ୍ତା ଦେଇ ଏମ୍‌ସିଏଲର କୋଇଲା ଖଣିରୁ ବେଆଇନ ଭାବେ ଗାଁ ମଧ ଦେଇ ପଡୋଶୀ ଛତିଶଗଡ଼ ରାଜ୍ୟକୁ କୋଇଲା ପରିବହନ କରାଯାଉଛି। ଫଳରେ ନିୟମିତ ଛୋଟବଡ ଦୁର୍ଘଟଣା ଘଟୁଥିବା ବେଳେ ବ୍ୟାପକ ଭାବେ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇଛି। ପରିବେଶ ମଞ୍ଜୁରୀ ସର୍ତ୍ତାବଳୀର ଉଲ୍ଲଂଘନ କରାଯାଇ ଏହି କୋଇଲା ପରିବହନ ଚାଲୁଥିବାର ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ ପ୍ରଶାସନ ନିଦାବିଷ୍ଣୁ ସାଜିଛି। ଫଳରେ ଜନଜୀବନ ସହିତ ଜୀବନଜୀବିକା ଉପରେ ଏହାର ପ୍ରଭାବ ପକାଇଛି। ଚାଷ ବାସ ଓ ଲଘୁବନଜାତ ଦ୍ରବ୍ୟ ଉପରେ ମଧ ଏହାର ପଭାବ ପଡୁଅଛି। ଏଣୁ ଏହି ରାସ୍ତାର ଗାଁ ମଧ ଦେଇ, ସ୍କୁଲ, ଡାକ୍ତରଖାନା ପାର୍ଶ୍ୱ ଦେଇ ବେଆଇନ ଭାବେ ହେଉଥିବା କୋଇଲା ପରିବହନକୁ ତୁରନ୍ତ ବନ୍ଦ କରାଯିବା, ଜିଲା ପ୍ରଶାସନ ଦ୍ୱାରା ପୂର୍ବ ନିର୍ଦ୍ଧାରିତ ବୈଠକରେ ସହମତି ହୋଇଥିବା ପ୍ରଦୂଷଣ ଜନିତ ଫସଲ ହାନିର କ୍ଷତିପୂରଣ ପ୍ରଦାନ, ରାସ୍ତାର ଉଭୟ ପାର୍ଶ୍ୱରେ ୧୫୦ ମିଟର ବଦଳରେ ୫୦୦ ମିଟର ପର୍ଯ୍ୟନ୍ତ ଚାଷ ଜମିରେ ଫସଲ ହାନିର କ୍ଷତି ପୂରଣ ପ୍ରଦାନ, ଉକ୍ତ ରାସ୍ତାରେ କୋଇଲା ପରିବହନ ବନ୍ଦ ନ ହେବା ପର୍ଯ୍ୟନ୍ତ କୋଇଲା ବୋଝେଇ ଗାଡି ଗୁଡିକର ବେଗ ନିୟନ୍ତ୍ରଣ କଡାକଡି କରାଯିବା, ରାସ୍ତାରେ ସିସି ଟିଭି ଲଗାଯିବା,ରାସ୍ତା ନିର୍ମାଣ ପାଇଁ ଅଧିଗ୍ରହଣ ହୋଇଥିବା ଜମି ରକ୍ଷତି ପୂରଣ ପାଇନଥିବା ପ୍ରଜାଙ୍କୁ ଯଥାଶୀଘ୍ର କ୍ଷତି ପୂରଣ ଦିଆଯିବା,ରାସ୍ତା ପାର୍ଶ ପୋଖରୀ ଗୁଡିକ ର ପଙ୍କୋଦ୍ଧାର କାର୍ଯ୍ୟ କରାଯିବା,ରତନସରା ରାଜସ୍ୱ ଗ୍ରାମର ୩ କିମି ରାସ୍ତାର ଅଧିଗ୍ରହୀତ ଜମିର କ୍ଷତି ପୂରଣ ଓ ଫସଲ ହାନୀର କ୍ଷତିପୂରଣ ସମସ୍ୟାର ସମାଧାନ ଓ ବର୍ତ୍ତମାନ ରାସ୍ତା ନିର୍ମାଣ ପାଇଁ ଚାଷ ଜମି ଉପରେ ମନଇଚ୍ଛା ଡ୍ରାଇଭର୍ସନ ନିର୍ମାଣ ଓ ଡ୍ରେନ ପାଇଁ ଗାତ ଖୋଳା ଯାଇଥିବାରୁ ଚାଷ ଜମିକୁ ଚାଷୀମାନେ ଯିବା ପାଇଁ ଅସୁବିଧା ହେଉ ଥିବାରୁ ଏହାର ସମାଧାନ ପାଇଁ ଦାବୁ କରାଯାଇଛି।


ଶିବିରରେ ଜିଲ୍ଲାପାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ।

## ସଂକ୍ଷେପରେ

### ଧର୍ମଗୁଳାରେ ହେଲା ପ୍ୟାକ୍ସ ସଦସ୍ୟ ଚୟନ

**ବଲାଙ୍ଗୀର ଅଫିସ,୨୭।୬:** ଗଡଶଙ୍କର ଡୁଙ୍ଗୁରିପାଲିସ୍ଥିତ ପ୍ରାଥମିକ କୃଷି ସେବା ସମିତି ସଦସ୍ୟ ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଥିଲା। ସମୁଦାୟ ୧୫ଟି ସମିତି ସଦସ୍ୟ ମଧ୍ୟରୁ ୬ଟି ସମିତି ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୯ଟି ସମିତି ସଦସ୍ୟଙ୍କ ମଧ୍ୟରେ ନିର୍ବାଚନ ହୋଇଥିଲା। ୯ଟି ମଧ୍ୟରୁ ୮ ସଦସ୍ୟ ନିର୍ବାଚନରେ ବିଜୟୀ ହୋଇଥିବା ବେଳେ ୮ ନମ୍ବରର ଉଭୟ ପ୍ରାର୍ଥୀ ସମାନ ସଂଖ୍ୟକ ଭୋଟ ପାଇବାରୁ ଧର୍ମଗୋଳାର ସାହାଯ୍ୟ ନିଆଯାଇଥିଲା। ଏଥିରେ ବନଛୋରପାଲିର ଶରତ ବନ୍‌ଛୋର ଏବଂ ପରଧିଆପାଲିର ସଞ୍ଜୟ ଗଡତ୍ୟା ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଉଭୟ ପ୍ରାର୍ଥୀ ୫ଟି ଲେଖାଏ ଭୋଟ ପାଇବାରୁ ଧର୍ମଗୋଳାର ସହାୟତା ନିଆଯାଇଥିଲା। ଧର୍ମଗୋଳାରେ ଶରତ ବନ୍‌ଛୋର ବିଜୟୀ ହୋଇଥିଲେ।

### ପ୍ରୀତମ ମେହେର ନିର୍ଦ୍ୱନ୍ଦ୍ୱରେ ପଦ୍ମପୁର ପ୍ୟାକ୍ସ ସଭାପତି ନିର୍ବାଚିତ



**ପଦ୍ମପୁର,୧୫।୬(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ପ୍ରାଥମିକ କୃଷି ସେବା ସମବାୟ ସମିତି (ପ୍ୟାକ୍ସ)ର ସମସ୍ତ ୧୨ ଜୋନ୍‌ର ଡାଇରେକ୍ଟର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ସାଧୁ ଚରଣ ରଣା, ପ୍ରଫୁଲ୍ଲ ବେହେରା, ଦିଲୀପ ଦାନୀ, ବାବୁଲାଲ ବାଗ, ରବିନାରାୟଣ ଦୋରା, ଶୁକଦେବ ମେହେର, ନରସିଂହ ମେହେର, ସୂର୍ଯ୍ୟକାନ୍ତି ସାହୁ , ପ୍ରିତମ ମେହେର, ମିନାକ୍ଷୀ ମେହେର, ନୀଳମାଧବ ସାହୁ, କମଳିନୀ ତ୍ରିପାଠୀ। ସଭାପତି ଭାବେ ପ୍ରୀତମ ମେହେର ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି।

### ମୁକ୍ତ ବିଚାର ମଞ୍ଚର ଆଲୋଚନାଚକ୍ର

**ଖଡ଼ିଆଲ,୨୭।୬(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଲ ନିକଟ ମହାତ୍ମା ଗାନ୍ଧୀ ଯୁକ୍ତ ୨ ବିଜ୍ଞାନ କଲେଜ ସଭାଗୃହଠାରେ ମୁକ୍ତ ବିଚାର ମଞ୍ଚର ୩୮ତମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀଙ୍କ ଅଧକ୍ଷତାରେ 'ଭାରତରେ ରାଷ୍ଟ୍ରପତି ଏକ ଆଳଙ୍କାରିକ ପଦ' ଶୀର୍ଷକ ଉପରେ ଆଲୋଚନାଚକ୍ର ହୋଇଥିଲା। ଏଥିରେ ଆଲୋଚକ ଭାବେ ମୁକ୍ତ ବିଚାର ମଞ୍ଚ ବରିଷ୍ଠ ସଦସ୍ୟ ଶଶିକାନ୍ତ ଖମାରୀ, ଦେବରାଜ ମାଝି ଅଧକ୍ଷ ଏସଜେ ମହାବିଦ୍ୟାଳ କରଙ୍ଗାମାଲ, ଡ. ପଦ୍ମଲୋଚନ ବର୍ମା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖଡ଼ିଆଲ ଓ ସବଲୁନ ସେନାପତି ପ୍ରଧାନ ଶିକ୍ଷକ ୟୁପି ସ୍କୁଲ କେନ୍ଦୁପାଟି ପ୍ରମୁଖ ସଦସ୍ୟ ଯୋଗଦାନ କରିଥିଲେ। ଯୁବ ସାହିତ୍ୟିକ ଗୌରାଙ୍ଗ କୁମାର ସାହୁ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚନାରେ ପ୍ରାଧାପକ ସାମୁଏଲ ଦାନୀ, ଡ. ସୁଶାନ୍ତ କୁମାର ବିଶି, ବଜରଙ୍ଗ ଲାଲ ଅଗ୍ରୱାଲ, ପଞ୍ଚାୟତ ନୀଳଲୋହିତ ସିଂହ ଦେବ, ନନ୍ଦ ଲାଲ ବାରିକ, ନନ୍ଦ କିଶୋର ପ୍ରଧାନୀ, ଶ୍ରୀମତୀ ସବିତା ଚଟର୍ଜୀ, କିଶୋର ଅଗସ୍ତି, କିଶୋର ବାଗ, ଆଦିତ୍ୟ ନାରାୟଣ ସିଂ ପ୍ରମୁଖ ସହଯୋଗ କରିଥିଲେ। ଆଇନଜୀବୀ ରାମଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଭିତ୍ତିଭୂମି ସେବା ସଙ୍ଗଠନର ଦେଶୀ ବିହନ ବଣ୍ଟନ

**ପଦ୍ମପୁର,୧୫।୬(ଡି.ଏନ.ଏ.)** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ଗଞ୍ଜାଗୁଡା, ପତ୍ରାପାଲି, ବରିହାପାଲି, ବାଞ୍ଛପାଲି, ବୈଦପାଲିରେ ଭିତ୍ତିଭୂମି ସେବା ସଙ୍ଗଠନ ତରଫରୁ ସୋମବାର ଦେଶୀ ବିହନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲାରେ ୫ଶହ ପରିବାରଙ୍କୁ ଏହି ଦେଶୀ ବିହନ ଚାଷ କରିବା ପାଇବା ପାଇଁ ତାଲିମ ଦିଆଯାଉଛି। ଦେଶୀ ବିହନ ପାଇବା ପରେ ଚାଷୀମାନେ ଜୈବିକ ଉପାୟରେ ଦେଶୀ ମୁଗ, ରାଶି, କ୍ଷୁଦ୍ରଶସ୍ୟ, କଲରା, ଶିମ୍ବ, କାଙ୍କଡ, ଶାଗ ଓ ଅନ୍ୟାନ୍ୟ ପନିପରିବା ମଧ ଚାଷ କରିବେ ଏବଂ ନିଜ ପରିବାରବର୍ଗ ଖାଇବା ସାରି ବଳକା ଉଚିତ ଦରରେ କିପରି ବଜାରରେ ବିକ୍ରି ହେଇପାରିବ ସେଥିପାଇଁ ମଧ ଗୁରୁତ୍ୱ ଦିଆଯାଇଛି। ସଙ୍ଗଠନର ଦାଶରଥି ବେହେରା, ବବୁଲୁ ବଗର୍ତି, ସୁଖଦେ ସ୍ୱାଇଁ, କମଳଲୋଚନ ଭୋଇ ବୁଧୁରାମ ବରିହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଭିଯୁକ୍ତଙ୍କୁ ଅନୁକମ୍ପା, ଜିଲାପାଳଙ୍କୁ ଫେରାଦ

## ହାତ ବାନ୍ଧି ବସିଛି ପୋଲିସ

**ବରଗଡ଼ ଅଫିସ୍,୨୭।୬**

ବରଗଡ଼ ସଦର ଥାନା ଶ୍ରୀହରି ନଗରରେ ଏକ ଅନୁସୂଚିତ ଜାତି ପରିବାରଙ୍କ ଘର ଭଙ୍ଗାରୁଜା ଏବଂ ପରିବାର ଲୋକଙ୍କୁ ହତ୍ୟା ଧମକ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏଭଳି ଅଭିଯୋଗ କରି ସୋମବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ତାଙ୍କ କାର୍ଯ୍ୟାଳୟରେ ପରିବାର ଲୋକେ ଏକ ସ୍ମାରକପତ୍ର ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି।

ପ୍ରକାଶ ଯେ, ଶ୍ରୀହରି ନଗରରେ ରୋହିଣୀ ଚାନ୍ଦ(୫୦)ଙ୍କ ପରିବାର ଲୋକେ ପ୍ରାୟ ୫୦ବର୍ଷ ହେବ ଗ୍ରାମର ଏକ ଜାଗାରେ ଘର ତିଆରି କରି ରହିଆସୁଛନ୍ତି। ସେହି ଜାଗା ଆଧାରରେ ତାଙ୍କୁ ରାଶନ କାର୍ଡ, ଆଧାର କାର୍ଡ, ଭୋଟର କାର୍ଡ ଆଦି ସେମାନଙ୍କୁ ମିଳିଛି। ଗତ ୧୩ତାରିଖରେ ରୋହିଣୀ ଗାଧୋଇବାକୁ ଯାଇଥିବାବେଳେ ଅନ୍ୟ ପରିବାର ଲୋକେ ଅନୁପସ୍ଥିତ ଥିଲେ। ଏହି ସମୟରେ ଗ୍ରାମର ଜଣେ ଲୋକ ଅନ୍ୟ କିଛି ଲୋକଙ୍କୁ ଧରି ତାଙ୍କ ଘରେ ଭଙ୍ଗାରୁଜା କରିଥିବା ରୋହିଣୀ ଅଭିଯୋଗ କରିଛନ୍ତି। ସେ ଘରକୁ ଫେରିବା ପରେ ପ୍ରତିବାଦ କରିବାରୁ ତାଙ୍କୁ ଏବଂ ପରିବାର ଲୋକଙ୍କୁ ହତ୍ୟା ଧମକ ଦିଆଯାଇଛି ବୋଲି ମଧ୍ୟ ଏତଲାରେ ଉଲ୍ଲେଖ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଥିଲେ ମଧ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ଫଳରେ ତାଙ୍କ ପରିବାର ଲୋକେ ଭୟଭୀତ ଅବସ୍ଥାରେ ବାହାରେ ଆଶ୍ରୟ ନେଉଥିବା ରୋହିଣୀ କହିଛନ୍ତି। ରୋହିଣୀଙ୍କ ସମେତ ତାଙ୍କ ସ୍ୱାମୀ ଏବଂ ଅନ୍ୟ ପରିବାର ସଦସ୍ୟ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ପରିବାର ଲୋକେ।

# ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ୍‌ରେ ମେଗା ନିଯୁକ୍ତି ଶିବିର

**ସମ୍ବଲପୁର,୨୭।୬(ବ୍ୟୁରୋ)**

ସମ୍ବଲପୁର ଜିଲା ଶାସନ ଦେବେଇପାଲିସ୍ଥିତ ବଦ୍ରିପ୍ରସାଦ ଗ୍ରୁପ୍ ଅଫ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ମେଗା ନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି। ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରଶିକ୍ଷଣ ଓ ନିଯୁକ୍ତି ଅଧିକାରୀ ଇଂ. ରାଜଶେଖର ସିହ୍ନାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଇନ୍‌ଷ୍ଟିଚ୍ୟୁଟ ସମ୍ପାଦକ ସଞ୍ଜୀବ ଅଗ୍ରୱାଲ ଯୋଗଦେଇ ନିଯୁକ୍ତି ବିଷୟରେ ସୂଚନା ଦେଇ କହିଥିଲେ, ଏହି ଶିକ୍ଷାନୁଷ୍ଠାନ ପାଠ୍ୟପଠା ସହ ନିଯୁକ୍ତିକୁ ଗୁରୁତ୍ୱ ଦେଇଆସୁଛି। ଆଗକୁ ମଧ ଏହି ଧାରା ଜାରି ରହିବ। ଜୁନ ୨୦ରେ ଧୁତ ଟ୍ରାନ୍ସମିସନ ପ୍ରା.ଲି. ଓ ଔରଙ୍ଗାବାଦ ଅଟୋ ଏନସିରାରୀ ପ୍ରା.ଲି. ସମ୍ବଲପୁର ସରକାରୀ ପଲିଟେକ୍‌ନିକର ୭୦ଜଣ ଛାତ୍ରଙ୍କୁ ଚୟନ କରିଛନ୍ତି। ଏହି ଛାତ୍ରମାନେ ଆସନ୍ତା ଅଗଷ୍ଟରେ କାର୍ଯ୍ୟରେ ଯୋଗ ଦେବେ। ସେହିପରି ମେ ୨୨ରେ ହୋଇଥିବା ନିଯୁକ୍ତି ଶିବିରରେ ଟିପିଡବ୍ଲ୍ୟୁଓଡିଏଲ ଶିକ୍ଷାନୁଷ୍ଠାନର ୬୫ଜଣଙ୍କୁ ଇଣ୍ଟର୍ନଶିପ ସକାଶେ ନିଯୁକ୍ତି ପ୍ରଦାନ କରିଛନ୍ତି। ଜୁନ ୮ରେ ଭିକ୍‌ଟୋରା ଇଣ୍ଡଷ୍ଟ୍ରିଜ ପ୍ରା.ଲି. ୨୪ଜଣଙ୍କ ନିଯୁକ୍ତି ଦେଇଛି। ଶିକ୍ଷାନୁଷ୍ଠାନ ପ୍ରିନ୍ସିପାଲ ସୌମ୍ୟଜିତ ମିଶ୍ର ସୂଚନା ପ୍ରଦାନ କରିଥିଲେ।




ନିଯୁକ୍ତି ଶିବିରରେ ଯୋଗଦେଇଥିବା ଅତିଥିମାନେ।

# ୧୮ବର୍ଷ ବିତିଲା, ଚାଷୀଙ୍କୁ ମିଳିନି କ୍ଷତିପୂରଣ

## ଡ୍ୟାମ୍ ଯୋଗୁ ଜମି ପ୍ରଭାବିତ

**ବରଗଡ଼ ଅଫିସ୍,୨୭।୬**

ବରଗଡ଼ ଜିଲା ପଦ୍ମପୁର ତହସିଲ ଅନ୍ତର୍ଗତ ଖଇରପାଲି ଗ୍ରାମରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଡ୍ୟାମ) ନିର୍ମାଣ ଯୋଗୁ ଗ୍ରାମର ଚାଷୀ ଗୋବର୍ଦ୍ଧନ ମେହେରଙ୍କ ଚାଷଜମି ପ୍ରଭାବିତ ହୋଇଛି । ଦୀର୍ଘ ୧୮ବର୍ଷ ହେଲା ସେଥିପାଇଁ ସେ କ୍ଷତି ସହି ଆସୁଥିବାବେଳେ ଏପର୍ଯ୍ୟନ୍ତ ତାଙ୍କୁ କିଛି କ୍ଷତିପୂରଣ ମିଳିନାହିଁ। ଏଭଳି ଅଭିଯୋଗ ନେଇ ସୋମବାର ଗୋବର୍ଦ୍ଧନ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ସେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରି କ୍ଷତିପୂରଣ ସହାୟତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି ।

ପ୍ରକାଶ ଯେ, ଖଇରପାଲି ଗ୍ରାମର ମେଜର ବନ୍ଦୋବସ୍ତ ଖାତା ନଂ- ୪, ପ୍ଲଟ୍ ନଂ- ୪୩୭ ଏବଂ ଖାତା ନଂ-୯୯/୩୧, ପ୍ଲଟ୍ ନଂ-୪୩୬ ଗୋବର୍ଦ୍ଧନଙ୍କ ରୟତ ଜମି ଅଟେ। ଗତ ୧୮ବର୍ଷ ତଳେସ୍ଥାନୀୟ ଅଇଁଲାଭଟା ଡୁମେରକଟାକୁ ବାନ୍ଧି ଏକ ଡ୍ୟାମ୍ ନିର୍ମାଣ ହୋଇଛି। ଏହାଦ୍ୱାରା ଗୋବର୍ଦ୍ଧନଙ୍କ ଉକ୍ତ ରୟତ ଜମି ପ୍ରଭାବିତ ହୋଇଛି। ଚାଷଜମି ଉପରେ ପଥର, ବାଲି, ଗୋଡି ଗଦା ହୋଇ ପୋତି ହୋଇଥିବାବେଳେ ତାହା ଜଳମଗ୍ନ ହୋଇ ରହୁଛି। ଫଳରେ ସେଠାରେ ଚାଷକାର୍ଯ୍ୟ ସମ୍ଭବ ହେଉନାହିଁ ଏବଂ ଚାଷ କଲେ ମଧ୍ୟ ତାହା ନଷ୍ଟ ହେଉଥିବା ଗୋବର୍ଦ୍ଧନ କହିଛନ୍ତି। ଏ ନେଇ ସେ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଆସିଛନ୍ତି। ବିଭାଗୀୟ ଅଧିକାରୀମାନେ କ୍ଷତିପୂରଣ ପ୍ରଦାନ ନେଇ ତାଙ୍କୁ କେବଳ ଆଶ୍ୱାସନା ଦେଉଛନ୍ତି। ମାତ୍ର ଏପର୍ଯ୍ୟନ୍ତ କିଛି କ୍ଷତିପୂରଣ ମିଳି ନ ଥିବା ଗୋବର୍ଦ୍ଧନ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନ ଡ୍ୟାମ୍‌ର ଉଚ୍ଚତା ଆହୁରି ବଢ଼ାଇ ଦିଆଯାଇଛି ଏବଂ ଜମି ପୂର୍ବାପେକ୍ଷା ଅଧିକ ପ୍ରଭାବିତ ହୋଇଥିବା ସେ କହିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ପାଇଁ ଗୋବର୍ଦ୍ଧନ ସସ୍ତ୍ରୀକ ଜିଲାପାଳଙ୍କ ଅଫିସକୁ ଆସିଥିଲେ।



କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଦମ୍ପତି ।

# ସରପଞ୍ଚ, ୱାର୍ଡସଭ୍ୟଙ୍କ ଶପଥ ଗ୍ରହଣ

**ବରଗଡ଼ ଅଫିସ୍,୨୭।୬**

ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ, ୱାର୍ଡସଭ୍ୟଙ୍କ ଶପଥ ଗ୍ରହଣ ସମାରୋହ ସୋମବାର ଅନୁଷ୍ଠିତ ହୋଇଛି। ନୂତନ ପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିବା ଏହି ସମାରୋହରେ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ଏବଂ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଶପଥ ଗ୍ରହଣ କରିଥିଲେ। ବରଗଡ଼ ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ସନ୍ତୋଷ ଷଡ଼ଙ୍ଗୀ ନବନିର୍ବାଚିତ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟଙ୍କୁ ଶପଥପାଠ କରାଇଥିଲେ। ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବାର୍ଚ୍ଚନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ଜିଲା ପରିଷଦ ସଭ୍ୟା ପ୍ରଭାସିନୀ ପ୍ରଧାନ, ପୁଷ୍ପାଞ୍ଜଳି ଭୋଇ, ସମିତି ସଭ୍ୟ ଜ୍ଞାନରଞ୍ଜନ ବିଶ୍ୱାଳ, କଲାପାଣି ସରପଞ୍ଚ ବିପିନ ପ୍ରଧାନ, ଝରଣା ଦାଶ, ମାଣିକ ବାରିକ, ଆନନ୍ଦ ସାହୁ, ନିତ୍ୟାନନ୍ଦ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରକାଶଥାଉକି, ଗତ ତ୍ରିସ୍ତରୀୟ ପଞ୍ଚାୟତ ଭୋଟ୍ ପ୍ରକ୍ରିୟା ଚାଲିଥିବାବେଳେ ଉକ୍ତ ପଞ୍ଚାୟତର ଜଣେ ସରପଞ୍ଚ ପ୍ରାର୍ଥୀଙ୍କ ମୃତ୍ୟୁ ହୋଇଥିଲା। ପରେ ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ ହୋଇଥିଲା।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ବୌଦ୍ଧ,୨୭।୬(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ହରଭଙ୍ଗା ବନ୍ୟା ଆଶ୍ରୟସ୍ଥଳିଠାରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ର ଓ ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ ଯୁଗ୍ମ ଅଭିଯୋଗ ଶୁଣାଣି ହୋଇଥିଲା। ଏହି ଶିବିରରେ ସମୁଦାୟ ୪୭ଗୋଟି ଆପତ୍ତି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୪୫ଟି ବ୍ୟକ୍ତିଗତ ମାମଲା ହୋଇଥିବାବେଳେ ୨ଟି ବିଭିନ୍ନ ଗ୍ରାମର ସାମୂହିକ ମାମଲା ରହିଥିଲା। ଅଭିଯୋଗଗୁଡିକ ମଧ୍ୟରୁ ୨୦ଟି ଅଭିଯୋଗକୁ ତତ୍କାଳ ଫଇସଲା କରାଯାଇଥିଲା। ୭ଟି ଅଭିଯୋଗ ସମ୍ପର୍କରେ ଅନୁଧ୍ୟାନ କରାଯାଇ ତୁରନ୍ତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬୫୦୦୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସନତ କୁମାର ନାଏକ, ବିଡିଓ ସ୍ମିତା ରଥ, ତହସିଲଦାର ଶମ୍ଭୁଭୂଷଣ ମିଶ୍ର, ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଶିବିରକୁ ଜିଲା ଜରୁରୀକାଳିନ ଅଧିକାରୀ ଅବନୀକାନ୍ତ ସାହୁ, ହରଭଙ୍ଗା ସରପଞ୍ଚ ଶକୁନ୍ତଳା ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂ ପରିଚାଳନା କରିଥିଲେ।




ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟ ଅଧିକାରୀ ଉପସ୍ଥିତ।

# କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା



ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

## ଅଗ୍ନିପଥ ନିଯୁକ୍ତି ଯୋଜନାକୁ ବିରୋଧ

**ବୌଦ୍ଧ,୨୭।୬(ସ୍ୱ.ପ୍ର.)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ଲାଗୁକରାଯାଇଥିବା ଅଗ୍ନିପଥ ନିଯୁକ୍ତି ଯୋଜନାକୁ ବିରୋଧ କରି ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଜିଲା କଂଗ୍ରେସ କମିଟିର କର୍ମକର୍ତ୍ତା ଓ କର୍ମୀମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ବର୍ତ୍ତମାନ ମୋଦି ସରକାର ସେନା ବାହିନୀରେ ୪ ବର୍ଷିଆ ଅଗ୍ନିପଥ ଯୋଜନା ନାମରେ ଯୁବବର୍ଗଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଯାଉଥିବାବେଳେ ଏହାକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। କେନ୍ଦ୍ର ସରକାରଙ୍କ ପ୍ରତାରଣାପୂର୍ଣ୍ଣ ଠିକା ନିଯୁକ୍ତି ଯୋଜନାକୁ ତୁରନ୍ତ ପ୍ରତ୍ୟାହାର ଦାବି କରିଥିଲେ । ଦୀର୍ଘ ୩ ଘଣ୍ଟା ଧରି ଆନ୍ଦୋଳନ କରିଥିଲେ। ଧାରଣାରେ ଜିଲା କଂଗ୍ରେସ କମିଟି ଉପସଭାପତି ସମରେଶ ମିଶ୍ର, ପ୍ରବକ୍ତା ଶାନ୍ତନୁ ମହାପାତ୍ର, ବରିଷ୍ଠ ନେତା ସୁଧିର କୁମାର କର୍ଣ୍ଣ, ଛାତ୍ର କଂଗ୍ରେସ ସଭାପତି ବିକ୍ରମ ପ୍ରଧାନ, ନାରାୟଣ ବେହେରା, ବୈଦ୍ୟନାଥ ମହାନନ୍ଦ, ସନ୍ଧ୍ୟାରାଣୀ ସିଂ, ରୋହିତାଶ୍ୱ ବେହେରା, ଗଣେଶ ଅଗ୍ରୱାଲ, ପ୍ରଦୀପ ଦାସ, ରାୟ ସଞ୍ଜିବ କୁମାର ଦେଓ, ତାରେଣୀ ଜେନା, ପଙ୍କଜ କର୍ଣ୍ଣ, କବିତା ମହାକୁଡ, ଚିତ୍ତବେହେରା, ସମରେନ୍ଦ୍ର ମହାକୁଡ, ବୁଦ୍ଧଦେବ ପ୍ରଧାନ, ପଲସ୍ତି ମହାକୁଡ, ପ୍ରଭାତି ବେହେରା, ସତ୍ୟନାରାୟଣ ବେହେରା, ବାସୁଦେବ ପ୍ରଧାନ, ନାରାୟଣ ବେହେରା, ବେଣୁଧର ମେହେର, ଶୁଶିଲ ହୋତା, ପ୍ରଭଞ୍ଜନ ବାରିକ, ଚୈତନ୍ୟ ପ୍ରଧାନଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ।

# ବ୍ଲକସ୍ତରୀୟ ମିଳିତ ଜନଶୁଣାଣି

## ୧୩୩ ଜଣ ଆପତ୍ତି, ଅଭିଯୋଗ କଲେ

**ମୁରିବାହାଲ,୨୭।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ମିଳିତ ଜନଶୁଣାଣି ସୋମବାର ବ୍ଲକ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକରେ ବିଭିନ୍ନ ସମସ୍ୟାକୁ ନେଇ ୧୩୩ ଜଣ ଆପତ୍ତି ଅଭିଯୋଗ କରିଥିଲେ।

ବଲାଙ୍ଗୀର ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ କୁମାରଙ୍କ ଉଦ୍ୟମରେ ପୂର୍ବାହ୍ନ ୧୧ଟା ସମୟରେ ଜନଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରଣା, ଜିଲା ଆରକ୍ଷୀ ଅଧିକାରୀ ନିତିନ କୁଶଲକର, ଟିଟିଲାଗଡ଼ ଉପଜିଲାପାଳ ମୋନାଜ ସତ୍ୟବାନ ମହାଜନ,ଅତିରିକ୍ତ ଜିଲାପାଳ ରିନା ନାୟକ, ଦିବାକର ବାଗ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଗୁଣନିଧି ନାୟକ, ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା, ଜିଲା ଚିକିତ୍ସା ମୁଖ୍ୟ ଅଧିକାରୀ ଡା ସ୍ନେହଲତା ସାହୁ ଓ ସମସ୍ତ ଜିଲା ଅଧିକାରୀ ଉପସ୍ଥିତ ଥିଲେ । ଏଥିରେ ମୁରିବାହାଲ ବ୍ଲକର ୨୨ଟି ଗ୍ରାମ ପଞ୍ଚାୟତର ଜନସାଧାରଣ ଯୋଗଦେଇଥିବା ବେଳେ ୧୩୩ ଜଣ ନିଜର ସମସ୍ୟା ନେଇ ଜିଲାପାଳଙ୍କୁ ଅବଗତ କରାଇଥିଲେ। ସେଥିମଧ୍ୟରୁ ୧୧୧ ଗୋଟି ବ୍ୟକ୍ତିଗତ ଓ ୨୨ଟି ସାମୁହିକ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା। ବ୍ୟକ୍ତିଗତ ସମସ୍ୟା ମଧ୍ୟରୁ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଓ ବଲାଙ୍ଗୀର ଜିଲା ରେଡ଼କ୍ରସ ଫଣ୍ଡରୁ ଜଣେ ବ୍ୟକ୍ତିଙ୍କୁ ସହାୟତା ଯୋଗାଇ ଦିଆଯାଇଥିଲା । ଏହାଛଡା ୮ ଜଣଙ୍କର ସମସ୍ୟାର ସମାଧାନ କରାଯାଇଛି ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସାମୁହିକ ମଧ୍ୟରେ ମୁଖ୍ୟତଃ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଦୁରାବସ୍ଥା ସାଙ୍ଗକୁ ଆବଶ୍ୟକ ଅନୁସାରେ ଅଧିକାରୀ ଓ କର୍ମଚାରୀ ନ ଥିବା , ୧୨ବର୍ଷ ଧରି ମୁରିବାହାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ମାନ୍ୟତା ମିଳିଥିଲେ ହେଁ ଆବଶ୍ୟକ ଡାକ୍ତର ପଦବୀ ଖାଲି ପଡିବା, ମୁରିବାହାଲ ରେଲୱେ ଷ୍ଟେଶନ ଠାରୁ ବ୍ଲକ ପର୍ଯ୍ୟନ୍ତ ପକ୍କାରାସ୍ତା ନ ଥିବା, ମୁରିବାହାଲ ପଞ୍ଚୟତ ହାଇସ୍କୁଲ ଖେଳପଡ଼ିଆକୁ ମିନି ଷ୍ଟାଡିୟମର ମାନ୍ୟତା ଦେବା, ଜମୁନା ଛକଠାରୁ ଗରଗଡ଼ବାହଲ ଗ୍ରାମ ରାସ୍ତା ଓ ମୁରିବାହାଲଠାରୁ ହଳଦି ପର୍ଯ୍ୟନ୍ତ ଯାଇଥିବା ଆରଡି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବା ଓ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଉପରେ ମୁରିବାହାଲ ସାମ୍ବାଦିକ ସଂଘ, ଆଦିବାସୀ କଲ୍ୟାଣ ସଂଘ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜିଲାପାଳ ଓ ଜିଲା ଆରକ୍ଷୀ ଅଧିକାରୀଙ୍କୁ ଅବଗତ କରାଯାଇଥିଲା । ଜିଲାପାଳ ଏହିସବୁ ସମସ୍ୟାକୁ ଆଗାମୀ ଦିନରେ ଗୁରୁତ୍ୱ ଦିଆଯାଇ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇବାରୁ ବଞ୍ଚିତ ବହୁ ଯୋଗ୍ୟ ହିତାଧିକାରୀ ଓ ଭତ୍ତା ପାଇ ନ ଥିବା ବ୍ୟକ୍ତି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତ ବିଭାଗର ଜିଲା ଅଧିକାରୀ ଉପସ୍ଥିତ ଥିବାବେଳେ ମୁରିବାହାଲ ତହସିଲଦାର ସୋନାଲି ପାତ୍ର, କଣ୍ଟାବାଞ୍ଜି ଏସଡିପିଓ ହୃଷୀକେଶ ମେହେର, ଆକାଉଣ୍ଟ ଅଧିକାରୀ ଘିନୁରାମ ତାଣ୍ଡି, ବିଭୁତି ସେଟ,ଏପିଓ ସୁଶାନ୍ତ କୁମାର ଦାସ ଏଏଇ ଅବିନାଶ ମୋଡି, ଏଇ ଭୁବନାନନ୍ଦ ସିଂ ସାହୁ, ଗ୍ରାମ ପଞ୍ଚାୟତ ଅଧିକାରୀ ଏନ ଜେ ଥିଓଫିଲ ପ୍ରମୁଖ ଜଣଶୁଣାଣି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ଜନଶୁଣାଣି କାର୍ଯ୍ୟକ୍ରମରେ ଜନସାଧାରଣ ଆପତ୍ତି, ଅଭିଯୋଗ ଜଣାଉଛନ୍ତି।

## ସଂକ୍ଷେପରେ

### ଆଞ୍ଚଳିକ ସୁବ୍ରତୋ କପ ଫୁଟ୍‌ବଲ: ବଣ୍ଡାମୁଣ୍ଡା ବିଜୟୀ

ସମ୍ବଲପୁର,୨୭।୬ (ବ୍ୟୁରୋ): କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଭୁବନେଶ୍ୱର କ୍ଷେତ୍ର ଆୟୋଜିତ ୧୭ ବର୍ଷରୁ କମ ଆଞ୍ଚଳିକ ସୁବ୍ରତୋ କପ ଫୁଟବଲ ଟୁର୍ନାମେଣ୍ଟ ସୋମବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ-୧ ବନାମ ବଣ୍ଡାମୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ ବଣ୍ଡାମୁଣ୍ଡା ୭-୦ ଗୋଲରେ ବିଜୟୀ ହୋଇ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ-୧ ଅଧକ୍ଷ ମନିଷ ଶ୍ରୀବାସ୍ତବ, ପ୍ରଧାନ ଶିକ୍ଷକ ଚକ୍ରଧର ଦେହୁରି, ଭୁବନେଶ୍ୱରରୁ ଆସିଥିବା ପର୍ଯ୍ୟବେକ୍ଷକ ଏସ.କେ. ନନ୍ଦ ଓ ଏସ.ଆର. ମିଶ୍ର, ସମ୍ବଲପୁର ଜିଲା କ୍ରୀଡା ସଂଘର ଫୁଟବଲ ସମ୍ପାଦକ ଅବଦୁଲ ଗଫାର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଫାଓ ଚିଫ ରେଫରୀ ଦୁର୍ଗାମାଧବ ନାଏକ ଓ ଦଳ ମ୍ୟାଚ ପରିଚାଳନା କରିଥିଲେ।

### ଭିତିଭୂମି ସେବା ସଙ୍ଗଠନର ଦେଶୀ ବିହନ ବଣ୍ଟନ

ପଦ୍ମପୁର,୨୭।୬(ଡି.ଏନ.ଏ.) ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ଗଞ୍ଜାଗୁଡା, ପତ୍ରାପାଲି, ବରିହାପାଲି, ବାଞ୍ଛପାଲି, ବୈଦପାଲିରେ ଭିତିଭୂମି ସେବା ସଙ୍ଗଠନ ତରଫରୁ ସୋମବାର ଦେଶୀ ବିହନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲାରେ ୫ଶହ ପରିବାରଙ୍କୁ ଏହି ଦେଶୀ ବିହନ ଚାଷ କରିବା ପାଇବା ପାଇଁ ତାଲିମ ଦିଆଯାଉଛି। ଦେଶୀ ବିହନ ପାଇବା ପରେ ଚାଷୀମାନେ ଜୈବିକ ଉପାୟରେ ଦେଶୀ ମୁଗ, ରାଶି, କ୍ଷୁଦ୍ରଶସ୍ୟ, କଳରା, ଶିମ୍ୱ, କାଙ୍କଡ, ଶାଗ ଓ ଅନ୍ୟାନ୍ୟ ପନିପରିବା ମଧ ଚାଷ କରିବେ ଏବଂ ନିଜ ପରିବାରବର୍ଗ ଖାଇବା ସାରି ବଳକା ଉଚିତ ଦରରେ କିପରି ବଜାରରେ ବିକ୍ରି ହେଇପାରିବ ସେଥିପାଇଁ ମଧ ଗୁରୁତ୍ୱ ଦିଆଯାଇଛି। ସଙ୍ଗଠନର ଦାଶରଥି ବେହେରା, ବବୁଲୁ ବଗର୍ତ୍ତି, ସୁଖଦେ ସ୍ୱାଇଁ, କମଲଲୋଚନ ଭୋଇ ବୁଧୁରାମ ବରିହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭୋଇପାଲି ଗ୍ରାମବାସୀଙ୍କ ଘରଡିହ ପଟ୍ଟା ଦାବି



ସମ୍ବଲପୁର,୨୭।୬(ବ୍ୟୁରୋ): ସମ୍ବଲପୁର ମାନେଶ୍ୱର ତହସିଲ ଅନ୍ତର୍ଗତ ଭୋଇପାଲି ଗ୍ରାମ ବେଲପଡାବାସୀ ଘରଡିହ ପଟ୍ଟା ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ କ୍ରମେ ସେମାନେ ମାଟି ଓ ଖପର ଘର କରି ଦୀର୍ଘ ୮୫ବର୍ଷ ହେବ ବସବାସ କରିଆସୁଛନ୍ତି। ହେଲେ ଉକ୍ତ ଜମିର ପଟ୍ଟା ସରକାରଙ୍କ ପକ୍ଷରୁ ଦିଆଯାଉ ନାହିଁ। ସରକାରୀ ଯୋଜନାରେ ବାସହୀନ ପରିବାରକୁ ପଟ୍ଟା ଦେବାର ନିୟମ ରହିଛି। ହେଲେ ଆମକୁ ଦିଆଯାଉ ନାହିଁ ବୋଲି ଅଭିଯୋଗ କରିଛନ୍ତି। ମନୋରଞ୍ଜନ ପ୍ରଧାନ, ସରୋଜ ପସାୟତ, ବସନ୍ତ ପସାୟତ, ଦିପକ ପସାୟତ, ଯଶୋବନ୍ତ ପସାୟତ, ଶୁଭଦ୍ରା ବାଗ, କଲ୍ୟାଣି ବାଗ, ସଞ୍ଜୁକ୍ତା ବାଗ, ରିଙ୍କି ପାଣିଗ୍ରାହୀ, ପୁଷ୍ପାଞ୍ଜଳି ମୁଣ୍ଡା, ସନ୍ତୋଷୀ ମୁଣ୍ଡା, ଜୟା ମୁଣ୍ଡା, ଅନୀତା କୁମରା ପ୍ରମୁଖ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାରେ ଅଗ୍ନିପଥ ଯୋଜନାକୁ ବିରୋଧ

## ଗାନ୍ଧୀମୂର୍ତ୍ତି ତଳେ ସତ୍ୟାଗ୍ରହ



ଝାରସୁଗୁଡ଼ା ଅଫିସ,୨୭।୬

ଦେଶରେ ସୈନ୍ୟବାହିନୀକୁ ଯୋଜନାବଦ୍ଧ ଭାବେ ଦୁର୍ବଳ କରିବାକୁ କେନ୍ଦ୍ର ଭାଜପା ସରକାର ପ୍ରଚେଷ୍ଟା ଚଳାଇଛନ୍ତି। ଏହା କରିବାକୁ ଦିଆଯିବ ନାହିଁ। ଏ ନେଇ ସାରା ଦେଶରେ ନିଆଁ ଜଳୁଥିବାବେଳେ ରାଷ୍ଟ୍ରର ସ୍ୱାର୍ଥ ଦୃଷ୍ଟିରୁ ଏହାକୁ କେନ୍ଦ୍ର ସରକାର ପ୍ରତ୍ୟାହାର କରି ନିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡା ଜିଲା କଂଗ୍ରେସ ତରଫରୁ ସଭାପତି ଅଶୋକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଗାନ୍ଧୀମୂର୍ତ୍ତି ନିକଟରେ ସତ୍ୟାଗ୍ରହ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହେନ୍ଦ୍ର ନାୟକ, ସୀୟାରାମ ଦାସ, ମନିଷ ବାଜପେୟୀ, ପ୍ରଶାନ୍ତ ତ୍ରିପାଠୀ, ଶୁକଦେବ ବାଗ୍, ଅଜୟ ପଣ୍ଡା, ମନୋଜ ଦେହୁରି, କୃଷ୍ଣ ଭୋଇ, ମାନବ ଘୋଷ, ରାଜେନ୍ଦ୍ର କର, ଫକିର ନାୟକ, ରାହୁଲ ଠାକୁର ପ୍ରମୁଖ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଆନ୍ଦୋଳନ ସକାଳ ସାଢେ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଥିଲା ।

## ବ୍ରଜରାଜନଗରରେ ଶାନ୍ତିପୂର୍ଣ୍ଣ ଗଣଧାରଣା

ବ୍ରଜରାଜନଗର,୨୭।୬(ଡି.ଏନ.ଏ.)

ସ୍ଥାନୀୟ ଏସ୍‌ଆଇ ଛକଠାରେ ସୋମବାର ବ୍ରଜରାଜନଗର କଂଗ୍ରେସ ତରଫରୁ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା କିଶୋର ପଟେଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କେନ୍ଦ୍ରର ଭାଜପା ସରକାରକୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, କେନ୍ଦ୍ର ସରକାର ଯେଉଁ ଅଗ୍ନିପଥ ଯୋଜନା କରି ବେକାର ଯୁବକମାନଙ୍କୁ ନିଯୁକ୍ତି ଦେବାର ପ୍ରୟାସ ଆରମ୍ଭ କରିଛନ୍ତି ତାହା ଫେଲ୍ ମାରିବ। ଭବିଷ୍ୟତରେ ସେହି ଯୁବକମାନେ ପଳାତକ ସୈନିକ ଭାବେ ବଞ୍ଚିବେ ଓ ଜୀବନ ସାରା ପଶ୍ଚାତାପ କରିବେ। ତେଣୁ ଆଜିର ଯୁବପିଢ଼ି ଏହି ନିଯୁକ୍ତି ପ୍ରକ୍ରିୟାକୁ ବିରୋଧ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଯୋଜନା କେନ୍ଦ୍ର ସରକାର ସହ ଜଡ଼ିତ ଥିବା ଆର୍‌ଏସ୍‌ଏସ୍‌ର ଚିନ୍ତାଧାରା ବୋଲି ନେତାମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଯୁବକଂଗ୍ରେସ ସଭାପତି ଦେବେଶ ପଣ୍ଡା ପରିଚାଳନା କରିଥିଲେ।



ଧାରଣାରେ ସାମିଲ ହୋଇଥିବା କଂଗ୍ରେସ କର୍ମକର୍ତ୍ତା।

## ମୁକ୍ତ ବିଚାର ମଞ୍ଚର ଆଲୋଚନାଚକ୍ର

ଖଡ଼ିଆଲ,୨୭।୬(ଡି.ଏନ.ଏ.) ନୂଆପଡ଼ା ଜିଲା ଖଡ଼ିଆଲ ନିକଟ ମହାତ୍ମା ଗାନ୍ଧୀ ଯୁକ୍ତ ୨ ବିଜ୍ଞାନ କଲେଜ ସଭାଗୃହଠାରେ ମୁକ୍ତ ବିଚାର ମଞ୍ଚର ୩୮ତମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀଙ୍କ ଅଧ୍ୟକ୍ଷତାରେ 'ଭାରତରେ ରାଷ୍ଟ୍ରପତି ଏକ ଆଲଙ୍କାରିକ ପଦ' ଶୀର୍ଷକ ଉପରେ ଆଲୋଚନାଚକ୍ର ହୋଇଥିଲା। ଏଥିରେ ଆଲୋଚକ ଭାବେ ମୁକ୍ତ ବିଚାର ମଞ୍ଚ ବରିଷ୍ଠ ସଦସ୍ୟ ଶଶିକାନ୍ତ ଖମାରୀ, ଦେବରାଜ ମାଝି ଅଧ୍ୟକ୍ଷ ଏସଜେ ମହାବିଦ୍ୟାଳ କରଙ୍ଗାମାଲ, ଡ. ପଦ୍ମଲୋଚନ ବର୍ମା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖଡ଼ିଆଲ ଓ ସବଲୁନ ସେନାପତି ପ୍ରଧାନ ଶିକ୍ଷକ ୟୁପି ସ୍କୁଲ କେନ୍ଦୁପାଟି ପ୍ରମୁଖ ସଦସ୍ୟ ଯୋଗଦାନ କରିଥିଲେ। ଯୁବ ସାହିତ୍ୟିକ ଗୌରାଙ୍ଗ କୁମାର ସାହୁ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚନାରେ ପ୍ରାଧ୍ୟାପକ ସାମୁଏଲ ଦାନୀ, ଡ. ସୁଶାନ୍ତ କୁମାର ବିଶି, ବଜରଙ୍ଗ ଲାଲ ଅଗ୍ରୱାଲ, ପଞ୍ଚାୟତ ନୀଳଲୋହିତ ସିଂହ ଦେବ, ନନ୍ଦ ଲାଲ ବାରିକ, ନନ୍ଦ କିଶୋର ପ୍ରଧାନୀ, ଶ୍ରୀମତୀ ସବିତା ଚଟର୍ଜୀ, କିଶୋର ଅଗସ୍ତି, କିଶୋର ବାଗ, ଆଦିତ୍ୟ ନାରାୟଣ ସିଂ ପ୍ରମୁଖ ସହଯୋଗ କରିଥିଲେ।

# ହିରୋ ସ୍ପ୍ଲେଣ୍ଡର ପ୍ଲସ୍ ଏକ୍ସଟେକ୍‌ର ବଜାର ପ୍ରବେଶ

ଝାରସୁଗୁଡ଼ା ଅଫିସ,୨୭।୬

ସୋମବାର ହିରୋ ସ୍ପ୍ଲେଣ୍ଡର ପ୍ଲସ୍ ଏକ୍ସଟେକ୍ ବାଇକ୍ ଝାରସୁଗୁଡ଼ା ବଜାର ପ୍ରବେଶ କରିଛି। ପ୍ରସନ୍ନ ପଣ୍ଡା ଛକ ବାଇପାସ୍ ରାସ୍ତା ପାର୍ଶ୍ୱରେ ଥିବା ବିଜୟଲକ୍ଷ୍ମୀ ହିରୋ ଶୋ' ରୁମ୍‌ରେ ନିର୍ଦ୍ଦେଶକ ଅରୁଣ ମୁଦ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ଶୋ' ରୁମ୍ ମ୍ୟାନେଜର ଦିଲୀପ କୁମାର ଦାସ ପରିଚାଳନା କରିଥିବାବେଳେ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ବଜାର ପ୍ରବେଶ କରିଥିବା ବାଇକ୍‌ର ନୂତନ ଜ୍ଞାନକୌଶଳ ମଧ୍ୟରେ ଏଲ୍‌ଇଡି ହ୍ୟାଡ୍‌ଲ୍ୟାମ୍ପ, ଏସ୍‌ଏମ୍‌ଏସ୍ ଆଲର୍ଟ ସହ ନୂତନ ଡିଜି ଆନାଲୋଗ୍ ସ୍ପିଡୋମିଟର, ସାଇଡ୍ ଷ୍ଟାଣ୍ଡ ଇଞ୍ଜିନ୍‌କଟ୍‌ଅପ୍ ଆଦି ଉପଲବ୍ଧ। ଏହି ବାଇକ୍‌ର ଏକ୍ସ ଶୋ' ରୁମ୍ ମୂଲ୍ୟ ୭୩,୧୨୦ଟଙ୍କାରୁ ଆରମ୍ଭ। ଶିଳ୍ପ ସମୃଦ୍ଧ ଝାରସୁଗୁଡା ଜିଲାରେ ପ୍ରବେଶ କରିଥିବେଳେ ବାଇକ୍ ଗ୍ରାହକଙ୍କୁ ବେଶ ଆକୃଷ୍ଟ କରିବା ସହିତ ଆଗକୁ ଭଲ ବ୍ୟବସାୟ ହେବ ବୋଲି ଶୋ' ରୁମ୍ ନିର୍ଦ୍ଦେଶକ ମୁଦ୍ରା ଆଶାବ୍ୟକ୍ତ କରିଛନ୍ତି।



ଉତ୍ସବରେ ଜଣେ ଗ୍ରାହକ କେକ୍ କାଟୁଛନ୍ତି।

# ଯୁବବର୍ଗଙ୍କୁ ନିରାଶ କରିଛି ଅଗ୍ନିପଥ ଯୋଜନା

ସମ୍ବଲପୁର,୨୭।୬(ବ୍ୟୁରୋ)

### ଜିଲାପାଳଙ୍କ ଅଫିସ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

କେନ୍ଦ୍ର ସରକାର ନିର୍ବାଚନ ସମୟରେ ପ୍ରତି ବର୍ଷରେ ୨ କୋଟି ଚାକିରି ଦେବେ ବୋଲି ଘୋଷଣା କରିଥିଲେ। ହେଲେ କରିପାରିଲେ ନାହିଁ। ବେକାରୀ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଭଳି ସ୍ଥିତିରେ ଏବେ ସେନାରେ ଭର୍ତ୍ତି କରିବା ପାଇଁ ଅଗ୍ନିପଥ ଯୋଜନା କରିଛନ୍ତି, ଯାହା ଯୁବବର୍ଗଙ୍କୁ ନିରାଶ କରିଛି। ଶୀଘ୍ର ଏହି ଯୋଜନାକୁ ପ୍ରତ୍ୟାହାର କରି ପୂର୍ବଭଳି ନିୟମିତ ନିଯୁକ୍ତି ଦିଆଯାଉ ବୋଲି ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଜିଲା କଂଗ୍ରେସ ପକ୍ଷରୁ କୁହାଯାଇଛି। କର୍ମକର୍ତ୍ତା ଦର୍ଶାଇଥିଲେ, ଭାଜପା ସରକାର ତ୍ରୁଟିପୂର୍ଣ୍ଣ ଯୋଜନା କରି ଏହାକୁ ପ୍ରଚାର ପ୍ରସାର କରିବା ପାଇଁ ଲାଗିପଡିଛନ୍ତି। ନିୟମିତ ସେନା ନିଯୁକ୍ତି ପ୍ରକ୍ରିୟା ବନ୍ଦ କରି ଏବେ ଯୁବତୀଯୁବକଙ୍କୁ ବିଭ୍ରାନ୍ତ କରାଯାଉଛି। ଏଭଳି ହେଲେ ଦେଶବାସୀ ଅସୁରକ୍ଷିତ ହୋଇପଡିବେ। ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ ହୋଇଥିବା ସମାବେଶରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଯୋଗ ଦେଇ ଅଗ୍ନିପଥ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁତପା ମିତ୍ର, ପ୍ରଶାନ୍ତ କୁମାର ସାହୁ, ନିରଞ୍ଜନ ତ୍ରିପାଠୀ, ଗୀତା ଦୁବେ, ରବି ରାଉତ, ସଞ୍ଜିବ ଗଡତିଆ, ଶିବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ବୌଦ୍ଧ,୨୭।୬(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ହରଭଙ୍ଗା ବନ୍ୟା ଆଶ୍ରୟସ୍ଥଳିଠାରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ର ଓ ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ ଯୁଗ୍ମ ଅଭିଯୋଗ ଶୁଣାଣି ହୋଇଥିଲା। ଏହି ଶିବିରରେ ସମୁଦାୟ ୪୭ଗୋଟି ଆପତ୍ତି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୪୫ଟି ବ୍ୟକ୍ତିଗତ ମାମଲା ହୋଇଥିବାବେଳେ ୨ଟି ବିଭିନ୍ନ ଗ୍ରାମର ସାମୂହିକ ମାମଲା ରହିଥିଲା। ଅଭିଯୋଗଗୁଡିକ ମଧ୍ୟରୁ ୨୦ଟି ଅଭିଯୋଗକୁ ତତ୍କାଳ ଫଇସଲା କରାଯାଇଥିଲା। ୭ଟି ଅଭିଯୋଗ ସମ୍ପର୍କରେ ଅନୁଧାନ କରାଯାଇ ତୁରନ୍ତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬୫୦୦୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସନତ କୁମାର ନାଏକ, ବିଡିଓ ସ୍ମିତା ରଥ, ତହସିଲଦାର ଶମ୍ଭୁଭୂଷଣ ମିଶ୍ର, ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଶିବିରକୁ ଜିଲା ଜରୁରୀକାଳିନ ଅଧିକାରୀ ଅବନୀକାନ୍ତ ସାହୁ, ହରଭଙ୍ଗା ସରପଞ୍ଚ ଶକୁନ୍ତଳା ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂ ପରିଚାଳନା କରିଥିଲେ।

# ଜିଲାପାଳଙ୍କ ଶୁଣାଣିରେ ୪୫ ଅଭିଯୋଗ ପଞ୍ଜୀକୃତ

ଝାରସୁଗୁଡା ଅଫିସ୍,୨୭।୬

ଝାରସୁଗୁଡା ଜିଲା ପ୍ରଶାସନ ତରଫରୁ ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ କୋଲାବିରା ବ୍ଲକ୍‌ସମ୍ମିଳନୀ କକ୍ଷରେ ସୋମବାର ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁମଦାୟ ୪୫ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଏଥିମଧ୍ୟରେ ୮ ସାମୂହିକ ଓ ୩୭ ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଏଥିମଧ୍ୟରୁ ୬ ଅଭିଯୋଗ ତୁରନ୍ତ ଫଇସଲା ହୋଇଥିଲା। ଅନ୍ୟାନ୍ୟ ଅଭିଯୋଗ ସମ୍ପର୍କରେ ଜିଲାପାଳ ସାମଲ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୪ଜଣଙ୍କୁ ଚିକିତ୍ସା ପାଇଁ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୫ହଜାର ଟଙ୍କା ଲେଖାଏ ସହାୟତା ଯୋଗାଇ ଦିଆଯାଇଥିଲା । ଏହା ସହିତ ଅନ୍ୟ ୨ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩୦ହଜାର ଓ ୨୦ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ରାହୁଲ ଜୈନ, ଉପଜିଲାପାଳ ଦୟାମୟ ପାଢୀ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଡିଏଫ୍‌ଓ ଲଳିତ ପାତ୍ର, ବ୍ଲକ୍ ଅଧ୍ୟକ୍ଷ ଭୂଜରାଜ ପଟେଲ, ବିଡିଓ ବିଜୟ ସଏ, ତହସିଲଦାର ଦିଲୀପ ପ୍ରଧାନ, ସିଡିଏମ୍‌ଓ ଡା.ଡୋଲାମଣି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଧର୍ମଗୁଳାରେ ହେଲା ପାକ୍ସ ସଦସ୍ୟ ଚୟନ

**ବଲାଙ୍ଗୀର ଅଫିସ,୨୭।୬:** ଗଡଶଙ୍କର ଡୁଙ୍ଗୁରିପାଲିସ୍ଥିତ ପ୍ରାଥମିକ କୃଷି ସେବା ସମିତି ସଦସ୍ୟ ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଥିଲା। ସମୁଦାୟ ୧୫ଟି ସମିତି ସଦସ୍ୟ ମଧ୍ୟରୁ ୬ଟି ସମିତି ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୯ଟି ସମିତି ସଦସ୍ୟଙ୍କ ମଧ୍ୟରେ ନିର୍ବାଚନ ହୋଇଥିଲା। ୯ଟି ମଧ୍ୟରୁ ୮ ସଦସ୍ୟ ନିର୍ବାଚନରେ ବିଜୟୀ ହୋଇଥିବା ବେଳେ ୮ ନମ୍ବରର ଉଭୟ ପ୍ରାର୍ଥୀ ସମାନ ସଂଖ୍ୟକ ଭୋଟ ପାଇବାରୁ ଧର୍ମଗୋଳାର ସାହାଯ୍ୟ ନିଆଯାଇଥିଲା। ଏଥିରେ ବନଛୋରପାଲିର ଶରତ ବନ୍‌ଛୋର ଏବଂ ପରଧିଆପାଲିର ସଞ୍ଜୟ ଗଡତ୍ୟା ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଉଭୟ ପ୍ରାର୍ଥୀ ୫ଟି ଲେଖାଏ ଭୋଟ ପାଇବାରୁ ଧର୍ମଗୋଳାର ସହାୟତା ନିଆଯାଇଥିଲା।

# ୧୮ବର୍ଷ ବିତିଲା, ଚାଷୀଙ୍କୁ ମିଳିନି କ୍ଷତିପୂରଣ

### ଡ୍ୟାମ୍ ଯୋଗୁ ଜମି ପ୍ରଭାବିତ

ବରଗଡ଼ ଅଫିସ୍,୨୭।୬

ବରଗଡ଼ ଜିଲା ପଦ୍ମପୁର ତହସିଲ ଅନ୍ତର୍ଗତ ଖଇରପାଲି ଗ୍ରାମରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଡ୍ୟାମ) ନିର୍ମାଣ ଯୋଗୁ ଗ୍ରାମର ଚାଷୀ ଗୋବର୍ଦ୍ଧନ ମେହେରଙ୍କ ଚାଷଜମି ପ୍ରଭାବିତ ହୋଇଛି । ଦୀର୍ଘ ୧୮ବର୍ଷ ହେଲା ସେଥିପାଇଁ ସେ କ୍ଷତି ସହି ଆସୁଥିବାବେଳେ ଏପର୍ଯ୍ୟନ୍ତ ତାଙ୍କୁ କିଛି କ୍ଷତିପୂରଣ ମିଳିନାହିଁ। ଏଭଳି ଅଭିଯୋଗ ନେଇ ସୋମବାର ଗୋବର୍ଦ୍ଧନ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ସେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରି କ୍ଷତିପୂରଣ ସହାୟତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି ।

ପ୍ରକାଶ ଯେ, ଖଇରପାଲି ଗ୍ରାମର ମେଜର ବନ୍ଦୋବସ୍ତ ଖାତା ନଂ-୪, ପ୍ଲଟ୍ ନଂ- ୪୩୭ ଏବଂ ଖାତା ନଂ-୯୯/୩୧, ପ୍ଲଟ୍ ନଂ-୪୩୬ ଗୋବର୍ଦ୍ଧନଙ୍କ ରୟତ ଜମି ଅଟେ। ଗତ ୧୮ବର୍ଷ ତଳେସ୍ଥାନୀୟ ଅଇଁଲାଭଟା ଡୁମେରକଟାକୁ ବାନ୍ଧି ଏକ ଡ୍ୟାମ୍ ନିର୍ମାଣ ହୋଇଛି। ଏହାଦ୍ୱାରା ଗୋବର୍ଦ୍ଧନଙ୍କ ଉକ୍ତ ରୟତ ଜମି ପ୍ରଭାବିତ ହୋଇଛି। ଚାଷଜମି ଉପରେ ପଥର, ବାଲି, ଗୋଡି ଗଦା ହୋଇ ପୋତି ହୋଇଥିବାବେଳେ ତାହା ଜଳମଗ୍ନ ହୋଇ ରହୁଛି। ଫଳରେ ସେଠାରେ ଚାଷକାର୍ଯ୍ୟ ସମ୍ଭବ ହେଉନାହିଁ ଏବଂ ଚାଷ କଲେ ମଧ୍ୟ ତାହା ନଷ୍ଟ ହେଉଥିବା ଗୋବର୍ଦ୍ଧନ କହିଛନ୍ତି। ଏ ନେଇ ସେ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଆସିଛନ୍ତି। ବିଭାଗୀୟ ଅଧିକାରୀମାନେ କ୍ଷତିପୂରଣ ପ୍ରଦାନ ନେଇ ତାଙ୍କୁ କେବଳ ଆଶ୍ୱାସନା ଦେଉଛନ୍ତି। ମାତ୍ର ଏପର୍ଯ୍ୟନ୍ତ କିଛି କ୍ଷତିପୂରଣ ମିଳି ନ ଥିବା ଗୋବର୍ଦ୍ଧନ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନ ଡ୍ୟାମ୍‌ର ଉଚ୍ଚତା ଆହୁରି ବଢ଼ାଇ ଦିଆଯାଇଛି ଏବଂ ଜମି ପୂର୍ବାପେକ୍ଷା ଅଧିକ ପ୍ରଭାବିତ ହୋଇଥିବା ସେ କହିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ପାଇଁ ଗୋବର୍ଦ୍ଧନ ସସ୍ତ୍ରୀକ ଜିଲାପାଳଙ୍କ ଅଫିସକୁ ଆସିଥିଲେ।



କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଦମ୍ପତି ।

# ୧୦ଘଣ୍ଟା ପରେ ଟ୍ରକ୍ କ୍ୟାବିନରୁ ଡ୍ରାଇଭର ଉଦ୍ଧାର

### ନଦୀରେ ଖସିପଡିଥିଲା ଟ୍ରକ୍

ସମ୍ବଲପୁର,୨୭।୬(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ୫୫ନଂ. ଜାତୀୟ ରାଜପଥର ଭୀମଖୋଜ ଗ୍ରାମ ନିକଟ ପୋଲ ଉପରୁ ଭୀମଖୋଜ ନଦୀକୁ ସୋମବାର ଏକ ଲୁହାଛଡ ବୋଝେଇ ଟ୍ରକ୍ ଖସିପଡିଥିଲା। ଫଳରେ ଡ୍ରାଇଭର ଜଣକ କ୍ୟାବିନ ଭିତରେ ଚାପି ହୋଇ ରହିଥିଲେ। ଯୁଯୁମୁରା ଥାନା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ୧୦ଘଣ୍ଟା ଧରି ପରିଶ୍ରମ କରିବା ପରେ ଡ୍ରାଇଭର ଉତ୍ତରପ୍ରଦେଶର ଜନାର୍ଦ୍ଦନ ତିୱାରୀ (୫୩)ଙ୍କୁ ରାତି ୮ଟାରେ ଉଦ୍ଧାର କରିଛନ୍ତି। ଚାପିହୋଇ ରହିଥିବାରୁ ଜନାର୍ଦ୍ଦନଙ୍କ ବାମଗୋଡ଼ ଭାଙ୍ଗିଯାଇଛି। ଚିକିତ୍ସା ପାଇଁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବୁର୍ଲା ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୂଚନା ମୁତାବକ ଏନଏଲ୦୧-ଏଫ-୮୧୧୭ନଂ. ବିଶିଷ୍ଟ ଟ୍ରକ୍ ଲୁହା ସାମଗ୍ରୀ ନେଇ ସମ୍ବଲପୁର ପଟକୁ ଆସୁଥିଲା। ହେଲେ ପୂର୍ବାହ୍ନ ୧୦ଟାରେ ଭୀମଖୋଜ ନିକଟରେ ଟ୍ରକ୍ ଭାରସାମ୍ୟ ହରାଇ ନଦୀ ଭିତରକୁ ଖସିପଡିଥିଲା। ଡାଲାରେ ଥିବା ଲୁହା ସାମଗ୍ରୀ ଚାପାରେ କ୍ୟାବିନରେ ଥିବା ଡ୍ରାଇଭର ତିୱାରୀ ଚାପି ହୋଇ ରହିଥିଲେ। କେବଳ ତାଙ୍କ ମୁଣ୍ଡ ବାହାରକୁ ବାହାରି ରହିଥିଲା। ଦିନତମାମ କେବଳ ପାଣି ପିଇ ତିୱାରୀ ଜୀବନ ସହ ସଂଗ୍ରାମ ଚଳାଇଥିଲେ । ଦୁର୍ଘଟଣା ଖବର ପାଇ ଯୁଯୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳଙ୍କ ସମେତ ପୋଲିସ ଟିମ୍ ସେଠାରେ ପହଞ୍ଚିଥିଲେ। ପରେ ଯୁଯୁମୁରା ଓ ସମ୍ବଲପୁରର ଅଗ୍ନିଶମ ବାହିନୀ କଟର ସହ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀର କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିଲେ।



ଉଦ୍ଧାର କାର୍ଯ୍ୟ ଜାରି।

# ପ୍ରୀତମ ମେହେର ନିର୍ଦ୍ୱନ୍ଦ୍ୱରେ ପଦ୍ମପୁର ପାକ୍ସ ସଭାପତି ନିର୍ବାଚିତ

**ପଦ୍ମପୁର,୧୫।୬(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ପ୍ରାଥମିକ କୃଷି ସେବା ସମବାୟ ସମିତି (ପ୍ୟାକ୍ସ)ର ସମସ୍ତ ୧୨ ଜୋନ୍‌ର ଡାଇରେକ୍ଟର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ସାଧୁ ଚରଣ ରଣା, ପ୍ରଫୁଲ୍ଲ ବେହେରା, ଦିଲୀପ ଦାନୀ, ବାବୁଲାଲ ବାଗ, ରବିନାରାୟଣ ଦୋରା, ଶୁକଦେବ ମେହେର, ନରସିଂହ ମେହେର, ସୂର୍ଯ୍ୟକାନ୍ତି ସାହୁ, ପ୍ରିତମ ମେହେର, ମିନାକ୍ଷୀ ମେହେର, ନୀଳମାଧବ ସାହୁ, କମଳିନୀ ତ୍ରିପାଠୀ। ସଭାପତି ଭାବେ ପ୍ରୀତମ ମେହେର ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବରଗଡ଼ ଅଫିସ, ୨୭।୬: ବରଗଡ଼ ୯ ନଂ. ୱାର୍ଡ କେନାଲ କଲୋନୀର ସନ୍ତୋଷ ସାହୁ(୪୩)ଙ୍କ ମୃତଦେହକୁ ସୋମବାର ସକାଳେ ତାଙ୍କ ନିଜ ବାସଭବନରେ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ସନ୍ତୋଷ ଗତ କିଛି ଦିନ ହେଲା କୌଣସି କାରଣରୁ ଚିନ୍ତାଗ୍ରସ୍ତ ରହୁଥିଲେ। ତାଙ୍କ ବଡ ଝିଅଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ସୋମବାର ସେ ୱାଲଟିୟର ଯାଇଥାନ୍ତେ। ହେଲେ ସନ୍ତୋଷଙ୍କ ମୃତଦେହ କେନାଲ କଲୋନୀ ସ୍କୁଲ ପଛ ପଟେ ଥିବା ତାଙ୍କ ବାସଭବନରୁ ମିଳିଥିଲା। ଏ ନେଇ ପରିବାର ଲୋକେ ଟାଉନ ପୋଲିସ ବରଗଡ଼କୁ ସୂଚନା ଦେଇଥିଲେ। ପରେ ପୋଲିସ ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ କରାଇଛି।

### ପାଟଣାଗଡ଼ରେ କୃଷି ରଥର ଶୁଭାରମ୍ଭ



ପାଟଣାଗଡ,୨୭।୬(ଡି.ଏନ.ଏ.): ସୋମବାର ବଲାଙ୍ଗୀର ଜିଲାର ପାଟଣାଗଡରେ କୃଷି ରଥର ଶୁଭାରମ୍ଭ ହୋଇଛି । ପାଟଣାଗଡ ବିଧାୟକ ତଥା ରାଜ୍ୟ ସରକାରଙ୍କ ଉପମୁଖ୍ୟ ସଚେତକ ସରୋଜ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷି ଜିଲା ଅଧିକାରୀଙ୍କ କାର୍ଯ୍ୟାଳୟରେ ରଥର ଶୁଭ ଉଦଘାଟନ କରିଛନ୍ତି । ଆଜିଠୁ ୬ଦିନ ପର୍ଯ୍ୟନ୍ତ ବ୍ଲକର ସମସ୍ତ ୩୦ଟି ପଞ୍ଚାୟତକୁ କୃଷି ରଥ ଯାଇ ସବୁ ଚାଷୀଙ୍କୁ ସଚେତନ କରାଇବ । ସରକାରଙ୍କ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ବିଷୟରେ ଚାଷୀଙ୍କ ଅବଗତି ପାଇଁ ପାଲା ମାଧମରେ ଲୋକଙ୍କୁ ସଚେତନ ସୃଷ୍ଟି କରିବା ପାଇଁ ବିଭିନ୍ନ ପଦକ୍ଷେପ ସରକାର ହାତକୁ ନେଇଛନ୍ତି ବୋଲି ବିଧାୟକ ମେହେର ଓ କୃଷି ଜିଲା ଅଧିକାରୀ ଗୁରେନ୍ଦ୍ର ନାଥ ସିଂ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ହରେକୃଷ୍ଣ ପଣ୍ଡା, ବ୍ଲକ କୃଷି ଅଧିକାରୀ ଡମ୍ବରୁଧର ମେହେର, ପିଙ୍କୁ ସେନ କର ଓ ସୁଜିତ କୁମାର ଭୋଇଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଅଗଷ୍ଟରୁ ଆରମ୍ଭ ହେବ ଡ୍ୟାମ୍ ସ୍ଲୁଇସ୍ ଗେଟ୍ କାମ

## ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ

ବଲାଙ୍ଗୀର ଅଫିସ,୨୭।୬



ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟମାନେ ଲୋୟର ସୁକ୍‌ତେଲ ଡ୍ୟାମ କାର୍ଯ୍ୟ ତଦାରଖ କରୁଛନ୍ତି।

ବଲାଙ୍ଗୀର ଜିଲାରେ ନିର୍ମାଣାଧୀନ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଡ୍ୟାମ କାମ ଦ୍ରୁତ ଗତିରେ ଆଗେଇ ଚାଲିଛି। ଜିଲାପାଳ ଚଞ୍ଚଳ ରାଣା ଏହି ପ୍ରକଳ୍ପ କାର୍ଯ୍ୟର ତଦାରଖ କରିବା ସହ ସମୀକ୍ଷା କରିଛନ୍ତି। ଏଥିପାଇଁ ସେ ଲୋୟର ସୁକ୍‌ତେଲ ଡ୍ୟାମ୍ ସାଇଡ ପରିଦର୍ଶନ କରିଥିଲେ। ଜିଲାପାଳ ରାଣାଙ୍କ ସହ ଅତିରିକ୍ତ ଜିଲାପାଳ (ରାଜସ୍ୱ) ମହେନ୍ଦ୍ର ମହାପାତ୍ର, ଡ୍ୟାମ୍ ଅଧୀକ୍ଷଣ ଯନ୍ତ୍ରୀ ନିର୍ବିଘ୍ନ ଭୋଇ, ଅନ୍ୟାନ୍ୟ ଅଧିକାରୀ, ଯନ୍ତ୍ରୀ, ନିର୍ମାଣକାରୀ ସଂସ୍ଥାର ଅଧିକାରୀ ଉପସ୍ଥିତ ଥିଲେ।

ମିଳିଥିବା ସୂଚନା ମୁତାବକ, ସୁକ୍‌ତେଲ ଡ୍ୟାମ୍‌ର ସ୍ପିଲୱେ କାମ ୯୨ ପ୍ରତିଶତ ସରିଯାଇଛି। ଏହାବାଦ୍ ମାଟିବନ୍ଧ କାମ ୭୩ ପ୍ରତିଶତ ସରିଛି। ଆସନ୍ତା ଅଗଷ୍ଟ ମାସରୁ ସ୍ପିଲୱେ ଡ୍ୟାମ୍ ସ୍ଲୁଇସ୍ ଗେଟ୍ ନିର୍ମାଣ କାମ ଆରମ୍ଭ ହେବ। ଏହି ପ୍ରକଳ୍ପରେ ୧୨ଟି ସ୍ଲୁଇସ୍ ଗେଟ ରହିବ। ଏହି ଗେଟ୍ ଜରିଆରେ ଡ୍ୟାମର ଜଳ ପରିଚାଳନା କରାଯିବ। ଜିଲାପାଳ ରାଣା ଏନେଇ ସମୀକ୍ଷା କରିଥିଲେ। ଆକ୍ସିସ୍ ଲାଇନ୍‌ର ଉଭୟ ପଟରେ ଥିବା ସରକାରୀ ଓ ଘରୋଇ ଜମି ଉପରେ ଥିବା ଗଛ, ବୁଦା, ଅନାବନା ଘାସ କଟା କାମ ଆରମ୍ଭ ହୋଇଛି। ଏହାସହିତ ଡ୍ୟାମ୍ ଆକ୍ସିସ୍ ଲାଇନ୍‌ର ଲେଭେଲ ସର୍ଭେ କାମ ଆରମ୍ଭ ହୋଇଛି। ଡ୍ୟାମ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ସବୁ ସ୍ତରରୁ ଜୋର ଦିଆଯାଉଛି। ଆଗାମୀ ମାର୍ଚ୍ଚ ୨୦୨୩ ସୁଦ୍ଧା ଲୋୟର ସୁକ୍‌ତେଲ ପ୍ରକଳ୍ପ ଶେଷ କରାଯିବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି। ଏହି ସମୟ ସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବାକୁ ଗୁରୁତ୍ୱ ଦିଆଯାଉଛି। କାମ ସମ୍ପୂର୍ଣ୍ଣ କରାଯିବାକୁ ଧ୍ୟାନ ଦିଆଯାଉଥିଲେ ମଧ୍ୟ ଥଇଥାନ ଓ କ୍ଷତିପୂରଣ ଦିଗ ପ୍ରତି ଦୃଷ୍ଟି ଦେବାକୁ ପ୍ରକଳ୍ପ ପ୍ରଭାବିତ ଲୋକେ ଦାବି କରିଛନ୍ତି। ଏପର୍ଯ୍ୟନ୍ତ କେତେକ ଗାଁରେ ସର୍ଭେ କାମ ଆରମ୍ଭ ହୋଇ ନ ଥିବାରୁ ଡ୍ୟାମ କାମ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସରିବ କି ନାହିଁ ସେନେଇ ସନ୍ଦେହ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ଜିଲାପାଳ ରାଣା କହିଛନ୍ତି, ଅଗଷ୍ଟ ମାସରେ ସ୍ଲୁଇସ ଗେଟ ନିର୍ମାଣ କାମ ଆରମ୍ଭ ହୋଇଯିବ । ଏ ନେଇ ବୈଷୟିକ ଟିମ୍ ତତ୍ପରତା ସହ କାମ ଆଗେଇ ନେଇଛନ୍ତି । ଖୁବ କମ ଦିନ ଭିତରେ ଆବଶ୍ୟକ ଉପକରଣ ପହଞ୍ଚିବ । ଲୋୟର ସୁକତେଲ ପ୍ରକଳ୍ପର ୧୨ଟି ଗେଟ ମଧ୍ୟରୁ ୪ଟି ଗେଟର ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ।

# ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ

## ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଉଲୁଣ୍ଡା ଗସ୍ତ

ଉଲୁଣ୍ଡା,୨୭।୬(ଡି.ଏନ.ଏ.)

ସୋମବାର ଜଙ୍ଗଲ ଓ ପରିବେଶ ସୁରକ୍ଷା ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସୁବର୍ଣ୍ଣପୁର ଜିଲାର ଉଲୁଣ୍ଡା ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ମନ୍ତ୍ରୀଙ୍କୁ ପ୍ରଥମେ ହିକୁଡି ଏବଂ ବିସିପଡା ଠାରେ ସ୍ୱାଗତ କରାଯାଇଥିଲା। ପରେ ଉଲୁଣ୍ଡା ପଞ୍ଚାୟତ ସମିତି ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟଅତିଥି ଭାବରେ ମନ୍ତ୍ରୀ ଅମାତ ଯୋଗଦେଇ ଜଙ୍ଗଲ ସୁରକ୍ଷା ଓ ନବୀକରଣ ଏବଂ ନିଜ ପଞ୍ଚାୟତର ପାଣ୍ଠିକୁ ନିଜ ପଞ୍ଚାୟତରେ କେମିତି ଲଗାଇ ପାରିବେ ସେ ଉପରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବରେ ଉପଜିଲାପାଳ ଅଶୋକ ଭୋଇ, ଜୋନ -୧ ଜିଲା ପରିଷଦ ବିଜୟଲକ୍ଷ୍ମୀ ତରାଇ, ଜୋନ-୨ ଜିଲା ପରିଷଦ ଝସକେତନ ବଘାର, ଉଲୁଣ୍ଡା ବିଡିଓ ହେମସାଗର ଭୋଇ, ଉଲୁଣ୍ଡା ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ଦେହେରି, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉଲୁଣ୍ଡା ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ,ସମିତି ସଭ୍ୟା, ବ୍ଲକରେ କାର୍ଯ୍ୟରତ ସମସ୍ତ ଅଧିକାରୀ ସାମିଲ ହୋଇଥିଲେ। ଏହି ଅବସରରେ ଜନସାଧାରଣ ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସମନ୍ୱିତ ଶିଶୁବିକାଶ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଉଲୁଣ୍ଡା ବନ ବିଭାଗ ଅଧିକାରୀ ସମେତ ବନପାଳ, ବନରକ୍ଷୀ ପ୍ରମୁଖ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ, ବିଡିଓ ଏବଂ ବ୍ଲକ ଅଧ୍ୟକ୍ଷା ବୃକ୍ଷରୋପଣ କରିଥିଲେ। ପରେ ମନ୍ତ୍ରୀ ଅମାତ ୫ଟି ସ୍କୁଲ ପରିଦର୍ଶନ କରିଥିଲେ ।

# ବିଇଡି ନାମଲେଖାରୁ ବଞ୍ଚିତ ନ କରିବା ପାଇଁ ଛାତ୍ର କଂଗ୍ରେସର ଦାବିପତ୍ର

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ

ବଲାଙ୍ଗୀର ଅଫିସ,୨୭।୬



ଛାତ୍ର କଂଗ୍ରେସ ପ୍ରତିନିଧି ଦଳ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କୁ ଦାବିପତ୍ର ଦେଉଛନ୍ତି।

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ ଏ ଅଞ୍ଚଳର ଛାତ୍ରମାନେ ଉତ୍ତମ ଶିକ୍ଷା ସାଙ୍ଗକୁ ବିଭିନ୍ନ ବିଭାଗରେ ନାମ ଲେଖାଇ ଅଧ୍ୟୟନ କରିପାରିବେ ବୋଲି ଆଶା କରାଯାଉଥିଲା । କିନ୍ତୁ ସରକାରୀ ଓ ପ୍ରଶାସନିକ ଅପାରଗତା ଯୋଗୁ ଚଳିତବର୍ଷ ବିଇଡି ନାମଲେଖା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ହୋଇପାରୁନାହିଁ । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଜମି ସଂକ୍ରାନ୍ତୀୟ ଆନୁସଙ୍ଗିକ କାଗଜପତ୍ର ଠିକ୍ ସମୟରେ ଦାଖଲ ନ କରିପାରିବା ତଥା ଏନ୍‌ସିପିଏ ଗାଇଡଲାଇନ ହିସାବରେ ସମସ୍ତ ତଥ୍ୟ ଠିକ୍ ସମୟରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦାଖଲ ନ କରିପାରିବା ଯୋଗୁ ବଲାଙ୍ଗୀର ତଥା ଆଖପାଖ ଅଞ୍ଚଳର ଅନେକ ମେଧାବୀ ତଥା ଗରିବ ଛାତ୍ର ବିଇଡି ଶିକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦ କରି ସୋମବାର ଛାତ୍ର କଂଗ୍ରେସ ଜିଲା ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ଏକ ଛାତ୍ର ପ୍ରତିନିଧି ଦଳ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ଉମାବଲ୍ଲଭ ମହାପାତ୍ରଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରରେ ବଲାଙ୍ଗୀର ଜିଲା ଆର୍ଥିକ ଦିଗରୁ ଏକ ଅନଗ୍ରସର ଜିଲା ଏବଂ ଏଠାକାର ଛାତ୍ରମାନଙ୍କ ପାଇଁ ଉଚ୍ଚତର ଶିକ୍ଷା ପାଇଁ ପର୍ଯ୍ୟାପ୍ତ ସୁବିଧା ନାହିଁ । ଏପରି ସ୍ଥଳେ ବିଇଡି ପାଠ୍ୟକ୍ରମକୁ ଚଳିତବର୍ଷ ପାଇଁ ବନ୍ଦ କରୁଥିବାରୁ ଏଠାକାର ଅନେକ ମେଧାବୀ ଓ ଗରିବ ଛାତ୍ର ବିଇଡି ପାଠପଢାରୁ ବଞ୍ଚିତ ହେଉଛନ୍ତି । ତେଣୁ ଏନ୍‌ସିଟିଇ ଏପରି ଛାତ୍ର ବିରୋଧୀ ନୀତିକୁ ପ୍ରତ୍ୟାହାର କରି ଚଳିତବର୍ଷର ନାମଲେଖା ବନ୍ଦ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ପାଇଁ କୁଳପତି ମହାପାତ୍ରଙ୍କ ନିକଟରେ ଦାବି ଜଣାଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଛାତ୍ର କଂଗ୍ରେସ ମୁଖପାତ୍ର ନିତିଶ ପଧାନ, ସରୋଜ ପଧାନ, ମନୋରଞ୍ଜନ ବିଶ୍ୱାଲ, ସାନୁ ମନହିରା, ରୋଶନ ପଣ୍ଡା, ରାକେଶ ମିଶ୍ର ଏବଂ ତାପସ ମେହେର ଉପସ୍ଥିତ ଥିଲେ ।

## ପଞ୍ଚାୟତ କାର୍ଯ୍ୟାଳୟରେ ପାନୀୟ ଜଳ ସୁବିଧା କରାଯାଉ

ଲାଠୋର,୨୭।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ କାର୍ଯ୍ୟାଳୟରେ ପାନୀୟ ଜଳ ବ୍ୟବସ୍ଥା ପାଇଁ ଦାବି ହୋଇ ଆସୁଥିଲେ ହେଁ ପଞ୍ଚାୟତ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ୫ ଖଣ୍ଡ ଗ୍ରାମର ଜନସାଧାରଣ ବିଭିନ୍ନ କାର୍ଯ୍ୟ ପାଇଁ ଏଠାକୁ ଆସିଥାନ୍ତି। ମାସର ଅଧିକାଂଶ ଦିନ ଏଠାରେ ବିଭିନ୍ନ ସରକାରୀ,ବେସରକାରୀ ସଂସ୍ଥା ତଥା ଏସଏଚଜି ମହିଳାମାନଙ୍କ ବୈଠକ ଅନୁଷ୍ଠିତ ହେଉଛି। ହେଲେ ପାନୀୟ ଜଳର ଅଭାବ ଥିବା ହେତୁ ଲୋକେ ଅସୁବିଧା ଭୋଗୁଛନ୍ତି। ପଞ୍ଚାୟତ ପ୍ରାଙ୍ଗଣରେ ଦୁଇ ଗୋଟ ବୋରିଂ ରହିଛି । ଗୋଟିଏ ବୋରିଂରେ ପାଣି ମଟର ଫସି ରହିଥିବା ବେଳେ ଆଉ ଗୋଟିଏ ବୋରିଂର ମଟର ଚୋରି ହୋଇ ଯାଇଛି । ଏ ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏନେଇ ପଞ୍ଚାୟତ ପିଇଓ ମନୋଜ କୁମାର ସାହୁଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ । ସରପଞ୍ଚ ଜପସ୍ୱିନୀ ସାହୁଙ୍କୁ ପଚାରିବାରେ ଆମେ ଖୁବଶୀଘ୍ର ଏକ ମଟର କିଣି ବୋରିଂରେ ଖଞ୍ଜି ପାନୀୟ ଜଳ ସ୍ୱାଭାବିକ କରିବୁ ବୋଲି କହିଥିଲେ।

# କଂଗ୍ରେସ ଦଳରେ ସାମିଲ ହେଲେ ଚୁଡାପାଲି, ତୁଷରାବାହାଲ ସରପଞ୍ଚ



ବିଧାୟକ ନରସିଂହ ମିଶ୍ର ଉଭୟ ଚୁଡାପାଲି ଓ ତୁଷରାବାହାଲ ସରପଞ୍ଚଙ୍କୁ ସ୍ୱାଗତ କରୁଛନ୍ତି।

ବଲାଙ୍ଗୀର ଅଫିସ,୨୭।୬

ଭାରତୀୟ ଜାତୀୟ କଂଗ୍ରେସ ଦଳର ନୀତି ଓ ଆଦର୍ଶ ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚୁଡାପାଲି ସରପଞ୍ଚ ଲକ୍ଷ୍ମୀ ଚନ୍ଦନ ଓ ତୁଷୁରାବାହାଲ ସରପଞ୍ଚ ଦାମୋଦର ମହାପାତ୍ର କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ରବିବାର ସନ୍ଧ୍ୟାରେ ବଲାଙ୍ଗୀର ବିଧାୟକ ମିଶ୍ରଙ୍କ ଆବାସିକ କାର୍ଯ୍ୟାଳୟରେ ଉଭୟ ସରପଞ୍ଚ ନିଜ ସମର୍ଥକଙ୍କ ସହ କଂଗ୍ରେସ ଦଳରେ ଯୋଗଦାନ କରିଥିଲେ। ଉଭୟ ସରପଞ୍ଚଙ୍କୁ ବିଧାୟକ ମିଶ୍ର ସ୍ୱାଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ସେମାନେ ଚୁଡାପାଲି ଓ ତୁଷୁରାବାହାଲ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ବିଧାୟକଙ୍କୁ ଅନୁରୋଧ କରିଥିଲେ । ୨୦୧୪ରୁ ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ବିଭିନ୍ନ ପ୍ରକାର ଉନ୍ନତମୂଳକ କାମ କରାଯାଉଛି। ବିଗତ ଦିନରେ ଚୁଡାପାଲି ଓ ତୁଷୁରାବାହାଲ ପାଇଁ ଅନେକ ଯୋଜନା ହାତକୁ ନିଆଯାଇଥିଲା। ଆଗାମୀ ଦିନରେ ମଧ୍ୟ ଉଭୟ ପଞ୍ଚାୟତ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ବିଧାୟକ ମିଶ୍ର ସରପଞ୍ଚଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଚୁଡାପାଲି ବରିଷ୍ଠ କଂଗ୍ରେସ ନେତା ଲୋକନାଥ କୁମୁରା, ସୁଶୀଲ ବେହେରା, ଅକ୍ଷୟ କୁମାର ଘିବେଲା, ଲମ୍ବୋଦର ପୁଟେଲ ଉପସ୍ଥିତ ଥିଲେ ।

# ରାସ୍ତା କାମକୁ ନେଇ ଗ୍ରାମବାସୀ ମୁହାଁମୁହିଁ

ଲୋଇସିଂହା,୨୭।୬(ଡି.ଏନ.ଏ.)

ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ ମହୀରା ପଞ୍ଚାୟତ ଅଧୀନ ବଘାପାଲି-ଭାଲୁଡୁଙ୍ଗରୀ ରାସ୍ତା କାମ ନିମ୍ନମାନର କରି ଅନୁଦାନ ହଡପ ଉଦ୍ୟମ କରାଯାଉଛି । ଜଣେ ଶିକ୍ଷକ ଠିକାଦାର ସାଜି ଏପରି ଅନିୟମିତତାରେ ଲିପ୍ତ ଥିବା ବଘାପାଲି ଗ୍ରାମବାସୀ ଗତ ୧୩ ତାରିଖରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ । ଅପରପକ୍ଷେ ସୋମବାର ଗ୍ରାମର ଅନ୍ୟ ଏକ ଗୋଷ୍ଠୀ ସଂପୃକ୍ତ ଶିକ୍ଷକଙ୍କୁ ସୁରକ୍ଷା ଦେବାକୁ ଯାଇ ଅଭିଯୋଗକୁ ଭିତ୍ତିହୀନ ଓ ଅସହିଷ୍ଣୁ ହୋଇ ଅଭିଯୋଗ କରିଥିବା ନେଇ ଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ଶିକ୍ଷାଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରଛନ୍ତି । ରାସ୍ତା କାମକୁ ନେଇ ଏବେ ଗ୍ରାମର ଦୁଇଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ବଘାପାଲି ଭାୟା ଭାଲୁଡୁଙ୍ଗରୀ ଦେଇ ଚନ୍ଦନଭାଟିକୁ ଏକ ରାସ୍ତା ସଂଯୋଗୀକରଣ ରହିଛି । ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତାରେ ମୋରମ କାମ କରାଯାଉଛି । ମେଟାଲିଂ କରାଯାଉନାହିଁ । ଗତବର୍ଷ ଉକ୍ତ ରାସ୍ତାରେ ପ୍ରଶାସନ ପକ୍ଷରୁ ମୋରମ କାମ ହୋଇଥିଲା । ଏବେ ରାତିଅଧିଆ ମୋରମ ପକାଯାଉଛି । ନିମ୍ନମାନର ମୋରମ ବିଛା ଯାଇଥିବାରୁ ବର୍ଷା ହେଲେ କାଦୁଅ ହୋଇ ଯାତାୟତ ଅନୁପଯୋଗୀ ହୋଇ ପଡିବ । କାମ ପୂର୍ବରୁ ସୂଚନା ଫଳକ ଲଗାଇବାର ସରକାରୀ ନିର୍ଦ୍ଦେଶାବଳୀ ରହିଛି । କିନ୍ତୁ ଏଠାରେ ସରକାରୀ ନିୟମର ଖୋଲା ଉଲ୍ଲଂଘନ କରାଯାଇଛି । ସୂଚନା ଫଳକ ନ ଥିବାରୁ କେଉଁ ପାଣ୍ଠିରୁ କାମ ହେଉଛି ଓ ଅନୁଦାନର ପରିମାଣ କେତେ ତାହା ଜଣାପଡୁନାହିଁ । ପୂର୍ବରୁ ମେଟାଲ ପଡିଥିବାରୁ ମୋରମ ବିଛାଇ ଅନୁଦାନ ହଡପ ଚକ୍ରାନ୍ତ କରାଯାଉଛି ବୋଲି ଗ୍ରାମର ବିଶ୍ୱାମିତ୍ର ବଡକା, ଛବି ବଡକାଙ୍କ ସମେତ ୫୨ ଜଣ ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ଦିଆଯାଇଛି । ଅପରପକ୍ଷେ ଗ୍ରାମର ଅନ୍ୟ ଏକ ଗୋଷ୍ଠୀର ଅଭିଯୋଗ ହେଲା ଧମନାସରରୁ ବଘାପାଲି ଗ୍ରାମକୁ ମୋରୋମ ,ମେଟାଲ କାମ ଚାଲିଛି । ତାହା ବିଭାଗୀୟ କାମ । ଗ୍ରାମର ପିଲାମାନେ ଏହି କାମ ଦେଖାରେଖା କରୁଛନ୍ତି । ସଂପୃକ୍ତ ଶିକ୍ଷକଙ୍କ ନାମରେ ଗ୍ରାମର କେତେକ ଖଳ ପ୍ରକୃତି ଲୋକ ଏପରି ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି।

# ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି

ସୋନପୁର,୨୭।୬(ନି. ପ୍ର.)

ସୁବର୍ଣ୍ଣପୁର ଜିଲା ପ୍ରଶାସନ, ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଓ ସୋନପୁର ବ୍ଲକ ପ୍ରଶାସନର ମିଳିତ ସହଯୋଗରେ ଡିଆରଡିଏ ସଭା କକ୍ଷଠାରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାରେ ବାଲ୍ୟ ବିବାହ ନିରାକରଣ ନିମନ୍ତେ ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ମ୍ୟୁନିସିପାଲିଟିର କାଉନସିଲର, ଟେଣ୍ଟ ହାଉସ ମାଲିକ , ବ୍ୟାଣ୍ଡ ବାଜା ସଂଘ, ବିଭିନ୍ନ ଧର୍ମୀୟ ମୁଖ୍ୟ, ବିଭିନ୍ନ ସମ୍ପ୍ରଦାୟ ଓ ସମାଜ ନେତୃବର୍ଗ ଏହି ବୈଠକରେ ସାମିଲ ହୋଇଥିଲେ । ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନିଲ ନରୱଣେ ଓ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ବୈଠକରେ ଯୋଗ ଦେଇଥିଲେ । ଜିଲାପାଳ ନରୱଣେ ବୈଠକରେ ଅଧ୍ୟକ୍ଷତା କରି ଜିଲାରେ କିଶୋରୀ ମାତୃତ୍ୱ ଓ ବାଲ୍ୟ ବିବାହ ସମ୍ପର୍କରେ ଲୋକପ୍ରତିନିଧିଙ୍କ ସହ ବିଶେଷ ଆଲୋଚନା କରିଥିଲେ । ବାଲ୍ୟ ବିବାହ ଓ କିଶୋରୀ ମାତୃତ୍ୱକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲାପାଳ ଓ ଏସପି ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି । ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଆମ ସମସ୍ତଙ୍କ ସାମାଜିକ ଗୁରୁଦାୟିତ୍ୱ ଓ ନୈତିକ କର୍ତ୍ତବ୍ୟ ବୋଲି ଜିଲାପାଳ କହିଥିଲେ । ଏଥିସହିତ ଅଧାରୁ ପାଠ ଛାଡିଥିବା କିଶୋର କିଶୋରୀମାନଙ୍କୁ କିପରି ପୁନର୍ବାର ବିଦ୍ୟାଳୟକୁ ଫେରାଇ ଅଣାଯିବ ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏସ୍‌ପି ପଣ୍ଡା ବାଲ୍ୟ ବିବାହର ଆଇନଗତ ଦିଗ ଓ ଶିଶୁ ଯୌନ ନିର୍ଯାତନା ଅଧୀନରେ ଆସୁଥିବା ଦଣ୍ଡ ବିଧାନ ଉପରେ ଆଲୋକପାତ କରିଥିଲେ । ବୈଠକରେ ପିଡି ଡିଆରଡିଏ ନିହାର ରଞ୍ଜନ କହଁର, ସୋନପୁର ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ମ୍ୟୁନିସିପାଲିଟି ଇଓ ସୂର୍ଯ୍ୟାଂଶୁ ରୁଟ, ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ସୋନପୁର ବିଡ଼ିଓ ଶଶୀଭୂଷଣ ପ୍ରଧାନ, ମଧୁସୂଦନ ପ୍ରଧାନ, ଜିଲା ସମାଜ କଲ୍ୟାଣ ଅଧିକାରିଣୀ ଗୌରମଣୀ ହାଁସଦା, ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ସୋନପୁର ବ୍ଲକର ସମସ୍ତ ସରପଞ୍ଚ, କାଉନସିଲର,ଜିପିଇଓ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା

## ଜେଲ ଯିବୁ ପଛେ, ଧାନ ନ ଉଠିବା ପର୍ଯ୍ୟନ୍ତ ଉଠିବୁ ନାହିଁ

ନୂଆପଡ଼ା ଅଫିସ,୨୭।୬



ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଚାଷୀମାନେ ଧାରଣାରେ ବସିଛନ୍ତି।

ବର୍ଷାଋତୁ ଆରମ୍ଭ ହୋଇ ଖରିଫ ଚାଷ କାର୍ଯ୍ୟ ଆରମ୍ଭ ହେଲାଣି । ହେଲେ ଏବେ ମଧ୍ୟ ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡି ରହିଛି । ଜିଲା ପ୍ରଶାସନଠାରେ ଚାଷୀ ଗୁହାରୀ କରି ଥକି ଯିବା ପରେ ଶେଷରେ ସୋମବାର ସାରାବଙ୍ଗ, ମୋଟା ନୂଆପଡା ମଣ୍ଡିର ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଛନ୍ତି। ଜେଲ ଯିବୁ ପଛେ ମଣ୍ଡିରୁ ଧାନ ନ ଉଠିବା ପର୍ଯ୍ୟନ୍ତ ଉଠିବୁ ନାହିଁ ବୋଲି ଚାଷୀ ଜିଦରେ ଅଡ଼ିବସିଥିଲେ। ଯୋଗାଣ ଅଧିକାରୀ ପ୍ରଭାକର ପାତ୍ରୋ ୨୪ ଘଣ୍ଟା ମଧ୍ୟରେ ସବୁ ମଣ୍ଡିର ଧାନ ଉଠା ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଚାଷୀ ଧାରଣାରୁ ଉଠିଛନ୍ତି। ନୂଆପଡା ଜିଲାରେ ଚାଷୀଙ୍କ ସମସ୍ୟା ସମାଧାନ ହେବାର ନାଁ ନେଉନାହିଁ। ବର୍ତ୍ତମାନ ମଧ୍ୟ ବିଭିନ୍ନ ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡି ରହିଛି। ଏହି ଲଗାଣ ବର୍ଷାରେ ଧାନ ଗଜା ହେବାରେ ଲାଗିଲାଣି। ଚାଷୀ ଆଜି ବିକ୍ରି ହେବ କାଲି ବିକ୍ରି ହେବ ବୋଲି ମଣ୍ଡିରେ ଖରା, ବର୍ଷାରେ ଅଜଗି ରହିଛନ୍ତି। ଅନେକ ଚାଷୀଙ୍କ ଟୋକନ ଲାପ୍ସ ହୋଇ ଯାଇଥିବା ବେଳେ ରବି ଧାନ ବିକ୍ରୟ କରି ପାରୁ ନ ଥିବାରୁ ଚାଷୀ ଖରିଫ ଚାଷ ଆରମ୍ଭ କରି ପାରୁନାହିଁ। ଖରିଫ ଚାଷ ପାଇଁ କେତେ ଚାଷୀ କୋଚିଆ ବ୍ୟାପାରି ହାତରେ କମ ଦରରେ ଟେକି ଦେଉଛନ୍ତି।

# ମିଳିତ ଅଭିଯୋଗ ଶୁଣାଣି

## ସମାଧାନ ହେଲା ୪ଟି ଅଭିଯୋଗ

ସୋନପୁର,୨୭।୬(ନି.ପ୍ର.)



ଜିଲାପାଳ ଓ ଏସ୍‌ପି ଜଣେ ଶିଶୁର ଅଭିଯୋଗ ଶୁଣୁଛନ୍ତି ।

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଡିଆରଡିଏ ସମ୍ମିଳନୀ କକ୍ଷଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଅବୋଲି ସୁନିଲ ନରୱଣେ ଓ ଏସ୍‌ପି ଅମରେଶ କୁମାର ପଣ୍ଡା ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ଶୁଣିଥିଲେ । ପଞ୍ଜୀକୃତ ହୋଇଥିବା ମୋଟ ୨୯ଟି ଅଭିଯୋଗ ଦରଖାସ୍ତ ମଧ୍ୟରୁ ୨୪ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଥିଲା । ସେଥିମଧ୍ୟରୁ ଜିଲାପାଳଙ୍କ ଦ୍ୱାରା ୪ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଅନ୍ୟ ୨୫ଟି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ତେବେ ଏହି ଶିବିରରେ ଅଭିଯୋଗ ଦରଖାସ୍ତ ସଂଖ୍ୟା ନଗଣ୍ୟ ଥିଲା । ଜିଲାପାଳ, ଏସ୍‌ପି ଓ ଜିଲାସ୍ତରୀୟ ଅଧିକାରୀ ବୃନ୍ଦଙ୍କୁ ଅଭିଯୋଗ ଆସିବାକୁ ମଝିରେ ଅପେକ୍ଷା କରିବାକୁ ପଡିଥିଲା । ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଓ ସୋନପୁର ବ୍ଲକର ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । ତେବେ ଶିବିର ବାବଦରେ ଅବଗତ ନ ହେବା ଓ ସଚେତନତା ଅଭାବରୁ ଅଧିକଂଶ ଲୋକେ ଏହାର ସୁଯୋଗ ନେଇ ପାରୁ ନ ଥିବା ଅଭିଯୋଗ ହୋଇଛି। ସୋନପୁରର ଭାରପ୍ରାପ୍ତ ବିଡିଓ ଶଶୀଭୂଷଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ପିଡି ଡିଆରଡିଏ ନିହାର ରଞ୍ଜନ କହଁର, ସୋନପୁର ଉପଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶନୀ ମିଶ୍ର, ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍, ତହସିଲଦାର ନବୀନ କିଶୋର ପାଢୀ ଓ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଯୋଗ ଦେଇଥିଲେ ।

## ସଂକ୍ଷେପରେ

### ଦୁର୍ଘଟଣା: ଶଳା ମୃତ, ଭିଣୋଇ ଗୁରୁତର

ଝାରସୁଗୁଡ଼ା ଅଫିସ,୨୭।୬: ଝାରସୁଗୁଡା ଜିଲା କୋଲାବିରା ଥାନା ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥ ପତ୍ରାପାଲି ଛକରେ ସୋମବାର ଏକ ଲୁହାବୋଝେଇ ଟ୍ରକ୍ ସହ ବାଇକ୍ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ପଛରେ ବସିଥିବା ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଲଇକେରା ଥାନା କୁଲୁତମାଲ ଗ୍ରାମର ସୁନିଲ ନାୟକ(୨୬) ଓ ଆହତ ଜଣଙ୍କ ତାଙ୍କ ଭିଣୋଇ ସମାସିଂହା ଗ୍ରାମର ଯଶୋବନ୍ତ କାଲୋ(୩୦) ବୋଲି ଜଣାପଡିଛି। ବାଇକ୍‌ରେ ଥିବା ଯଶୋବନ୍ତଙ୍କ ୫ବର୍ଷର ପୁଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପୋଲିସ୍ ମୃତଦେହ ଜବତକରି କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିଥିବାବେଳେ ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ। ଯଶୋବନ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ମେଡିକାଲ୍‌କୁ ପଠାଯାଇଛି । ପୋଲିସ୍ ଦୁର୍ଘଟଣା ସ୍ଥଳରୁ ଓଡି୧୬ବି-୮୭୭୬ନଂ ଟ୍ରକ୍ ଓ ଓଡି୨୩ଏନ୍-୧୦୪୧ନଂ ବାଇକ୍‌କୁ ଜବତ କରିଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଚାଳକ ଫେରାର ହୋଇଯାଇଥିବାବେଳେ ପୋଲିସ୍ ହେଲ୍‌ପରଙ୍କୁ ଅଟକରଖି ପଚରାଉଚରା କରୁଛି। ଏ ନେଇ କୋଲାବିରା ଥାନାରେ ଏକ ମାମଲା (ନଂ୯୪/୨୨) ରୁଜୁ ହୋଇଛି। ଟ୍ରକ୍‌ଟି କୋଲାବିରାରୁ ଜୟ୍ ହନୁମାନ ସ୍ପଞ୍ଜ ଆଇରନ୍ କାରଖାନାକୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ବାଇକ୍ ସହ ଧକ୍କା ହୋଇଥିଲା।

### ମହାବିଦ୍ୟାଳୟକୁ ଜମିପଟ୍ଟା ପ୍ରଦାନ

ଜମନକିରା,୨୭।୬(ଡି.ଏନ.ଏ.): ଜମନକିରା ତହସିଲ ପକ୍ଷରୁ ସୋମବାର ସଦର ମହକୁମାସ୍ଥିତ ଜମନକିରା ଯୁକ୍ତ ୩ ମହାବିଦ୍ୟାଳୟକୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଡା. ସୌମ୍ୟରୂପା ରଥ ମହାବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ କୁମାର ପଟେଲଙ୍କୁ ଜମିପଟ୍ଟା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ କଲେଜର ଅଧାପିକା ଅରୁଣା ମିଶ୍ର, ମନମୋହନ ଜୟବିକାଶ ବାଗ, ନିରଞ୍ଜନ ମହାକୁଲ, ସୁପର୍ଣ୍ଣାରାଣୀ ପଟ୍ଟନାୟକ, କୁଣ୍ଡଳିନୀ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ୟୁଜିଆଇର ବାର୍ଷିକୋତ୍ସବ

ରାଉରକେଲା ଅଫିସ,୨୭।୬: ରାଉରକେଲା ଜେଲ ରୋଡ୍ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଯାନ୍ତ୍ରିକ ଅନୁଷ୍ଠାନ(ୟୁଜିଆଇ)ର ବାର୍ଷିକୋତ୍ସବ ଅଧ୍ୟକ୍ଷା ପ୍ରଗତି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ରାଉରକେଲା ଇସ୍ପାତ କାରଖାନାର ଜିଏମ୍ ଅଜୟ୍ ଗୋସ୍ୱାମୀ ମୁଖ୍ୟ ଅତିଥି, ଡକ୍ଟର ତିରୁପତି ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭୂତି ଭୂଷଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଜିଲାପାଳଙ୍କ ଦ୍ୱାରା ଭତ୍ତା ବଣ୍ଟନ

ନାକଟିଦେଉଳ,୨୭।୬(ଡ଼ି.ଏନ.ଏ.): ସମ୍ବଲପୁର ଜିଲାପାଳ ଅନନ୍ୟା ଦାଶ ସୋମବାର ନାକଟିଦେଉଳ ବ୍ଲକ ଗସ୍ତରେ ଆସି ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ପ୍ରଦତ୍ତ ଭତ୍ତା ଓ ଟ୍ରାଇସାଇକେଲ ବଣ୍ଟନ କରିଛନ୍ତି। ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ୨ଜଣଙ୍କୁ ହ୍ୱିଲ ଚେୟାର, ୫ଜଣଙ୍କୁ ଟ୍ରାଇସାଇକେଲ, ୭ଜଣଙ୍କୁ ବିଧବା ଭତ୍ତା ଓ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରିଥିଲେ। ଏଥି ସହିତ ପରିବାର ମଙ୍ଗଳ ଯୋଜନାରେ ଶିମିଳିପାଳ ପଞ୍ଚାୟତ ଶରଧାପୁର ଗ୍ରାମର ଅନୀତା ତିର୍କିଙ୍କୁ ୨୦ହଜାର ଟଙ୍କା ମଧ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ପି ବି. ଗଙ୍ଗାଧର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ ନାୟକ, ବିଡ଼ିଓ ବିବେକାନନ୍ଦ ସାହୁ, ଉପଜିଲାପାଳ ପବିତ୍ର କୁମାର ବେହେରା, ବ୍ଲକ ଅଧକ୍ଷା ସ୍ୱରୁପାରାଣୀ ସାହୁ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ରଥଯାତ୍ରା ପାଇଁ ଶାନ୍ତି କମିଟି ବୈଠକ

ଜମନକିରା,୨୭।୬(ଡି.ଏନ.ଏ.): ଜମନକିରା ତହସିଲଦାର ଡ଼. ସୌମ୍ୟା ରୁପା ରଥଙ୍କ ଅଧକ୍ଷତାରେ ସୋମବାର ରଥଯାତ୍ରା ପାଇଁ ଶାନ୍ତି କମିଟି ବୈଠକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଯାଇଛି। ଏଥିରେ ଜମନକିରା ବିଡିଓ, ଆଇଆଇସି ପ୍ରେମଜିତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହେଉଥିବା ରଥଯାତ୍ରାର କର୍ମକର୍ତ୍ତାଙ୍କୁ ନେଇ କିପରି ରଥଯାତ୍ରା ଶାନ୍ତି ଶୃଙ୍ଖଳା ସହ ପାଳନ କରାଯିବା ସେ ନେଇ ଆଲୋଚନା କରାଯାଇଥିଲା।

# ଏନ୍‌ଏଚ୍‌ଏଆଇ ଅଫିସ ଘେରାଉ

**ରାସ୍ତାକାମ ନିମ୍ନମାନର ଅଭିଯୋଗ, ଡ୍ରେନ୍ ନିର୍ମାଣ ଦାବି**

■ ବଢ଼ୁଛି ଟ୍ରାଫିକ ସମସ୍ୟା, ଘରକୁ ପଶୁଛି ପାଣି

ସମ୍ବଲପୁର,୨୭।୬ (ବ୍ୟୁରୋ)

ରାସ୍ତାକାମ ନିମ୍ନମାନର ଅଭିଯୋଗକରି ସୋମବାର ପଡ଼ିଆବାହାଲ ଅଞ୍ଚଳବାସୀ ସମ୍ବଲପୁର ସାକ୍ଷୀପଡାସ୍ଥିତ ଏନ୍‌ଏଚ୍‌ଏଆଇ ଅଫିସ ଘେରାଉ କରିଛନ୍ତି। ପରେ ଏନ୍‌ଏଚ୍‌ଏଆଇ ପିଡି ଭେଙ୍କଟେଶ୍ୱର ରାଓଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗକ୍ରମେ ସମ୍ବଲପୁର-ତିଲେଇବଣି ୫୩ନଂ. ଜାତୀୟ ରାଜପଥ କଡରେ ପଡ଼ିଆବାହାଲ ଛକ ରହିଛି। ଏବେ ଚାରିଥାକିଆ ରାସ୍ତା ନିର୍ମାଣ ଚାଲିଛି। ହେଲେ ରାସ୍ତା କାମ ନିମ୍ନମାନର ଓ ଡ୍ରଇଁରେ ତ୍ରୁଟି ରହିଛି। ଫଳରେ ରାସ୍ତା ଭାଙ୍ଗିବାକୁ ବସିଲାଣି। ରାସ୍ତା ପାର୍ଶ୍ୱରେ ଫୁଟ୍‌ପାଥ ଓ ଡ୍ରେନ୍ ନିର୍ମାଣ କରାଯାଇ ନାହିଁ। ସାମାନ୍ୟ ବର୍ଷା ହେଲେ ରାସ୍ତାପାର୍ଶ୍ୱରେ ଥିବା ଦୋକାନ ଓ ଘର ଭିତରକୁ ପାଣି ପଶି ସାମଗ୍ରୀ ନଷ୍ଟ ହେଉଛି। ରାସ୍ତା ନିର୍ମାଣ ସମୟରେ ଡ୍ରେନ୍ ନିର୍ମାଣ କରିବାକୁ ଦାବି କରାଯାଇଥିଲା। ହେଲେ ଠିକା ସଂସ୍ଥା କେବଳ ପ୍ରତିଶ୍ରୁତି ଦେଇ ଚୁପ୍ ରହିଥିଲା। ପଡିଆବାହାଲ ଛକ ଅଞ୍ଚଳର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳ। ତେଣୁ ପ୍ରତିଦିନ ଭିଡ଼ ଲାଗି ରହିଥାଏ। ରାସ୍ତା କାମ ସମ୍ପୂର୍ଣ୍ଣ ନ ହେବାରୁ ପ୍ରାୟ ସମୟରେ ଟ୍ରାଫିକ ଜାମ୍ ରହୁଛି। ଫଳରେ ଯାତ୍ରୀ ଓ ଅଞ୍ଚଳବାସୀଙ୍କ ସମସ୍ୟା ହେଉଛି। ଜନଗହଳିପୂର୍ଣ୍ଣ ଛକ ହୋଇଥିଲେ ମଧ ବିଦ୍ୟୁତ୍ ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ଅନ୍ଧାରରେ ଦୁର୍ଘଟଣା ଓ ଆପରାଧିକ କାର୍ଯ୍ୟ ହେବା ସମ୍ଭାବନା ରହିଛି। ଏଠାରେ ଏକ ବସ୍‌ଷ୍ଟପର ମଧ ନିର୍ମାଣ କରାଯାଉ ବୋଲି ଦାବି କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଅଭିମନ୍ୟୁ ପାତ୍ର, ଅନୀଲ କୁମାର ଅଗ୍ରୱାଲ, ସୁକାନ୍ତ ପ୍ରଧାନ, ମାଧବ ମେହେର, ଟଙ୍କଧର ଭୋଇ, ଅଭିମନ୍ୟୁ ପଣ୍ଡା, ଶୁଖା ମେହେର, ଅଭିଷେକ ପଣ୍ଡା, ଅରବିନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏନ୍‌ଏଚ୍‌ଏଆଇ ପିଡି ରାଓ କହିଛନ୍ତି, ଡ୍ରେନ୍ କାମ ନିର୍ମାଣାଧୀନ ରହିଛି, ଶୀଘ୍ର ସମ୍ପୂର୍ଣ୍ଣ ହୋଇଯିବ। ଅନ୍ୟ କାମ ମଧ କରାଯାଉଛି। ଲୋକମାନଙ୍କୁ ସମସ୍ୟା ହେବ ନାହିଁ ବୋଲି କହିଥିଲେ।


ଏନ୍‌ଏଚ୍‌ଏଆଇ ପିଡିଙ୍କୁ ଦାବିପତ୍ର ଦିଆଯାଉଛି।

## ବୁଲା କୁକୁର ଆକ୍ରମଣରେ ହରିଣ ମୃତ



ରେଢ଼ାଖୋଲ,୨୭।୬ (ଡି.ଏନ.ଏ.)

ରେଢ଼ାଖୋଲ ବନଖଣ୍ଡର ବଡମାଳ ରେଞ୍ଜର ବଡମାଳ ଗ୍ରାମ ନିକଟ ରାବଣବସା ଖେସଡା ଜଙ୍ଗଲରେ ସୋମବାର ଅପରାହ୍ନରେ ବୁଲା କୁକୁର ଆକ୍ରମଣରେ ଏକ ହରିଣର ମୃତ୍ୟୁ ହୋଇଛି। ଖବରପାଇ ବଡମାଳ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ହରିଣକୁ ଉଦ୍ଧାର କରିଥିଲେ। ମୃତ ହରିଣର ବୟସ ୪ବର୍ଷ ହେବ ବୋଲି ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ କହିଛନ୍ତି। ଏହାକୁ ବନବିଭାଗ ନର୍ସରୀରେ ପୋତିଦିଆଯାଇଛି। ସୂଚନାଯୋଗ୍ୟ ରେଢାଖୋଲ ବନଖଣ୍ଡରେ ବ୍ୟାପକ ଗଛକଟା ଯୋଗୁ ଜଙ୍ଗଲ ପଦା ହୋଇଗଲାଣି। ଏଥିଯୋଗୁ ବନ୍ୟଜନ୍ତୁ ଖାଦ୍ୟ ଅନ୍ୱେଷଣରେ ଜନବସତି ଆଡକୁ ଚାଲିଆସୁଛନ୍ତି। ସେମାନେ କେତେବେଳେ ଶିକାରୀ ତ ଆଉ କେତେବେଳେ କୁକୁର ହାବୁଡରେ ପଡି ମୃତ୍ୟୁବରଣ କରୁଛନ୍ତି। ଏ ଦିଗରେ ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଅଗ୍ନିପଥ ଯୋଜନାକୁ ବିରୋଧ କରି କଂଗ୍ରେସର ବିକ୍ଷୋଭ

ରାଉରକେଲା ଅଫିସ,୨୭।୬

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବିରେ ରାଉରକେଲା ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଶତାଧିକ କର୍ମୀ ଉପସ୍ଥିତ ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ସରକାର ବେକାରୀ ଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ ନ କରି କମ୍ ବୟସର ଯୁବକମାନଙ୍କୁ ସେନାରେ ଭର୍ତ୍ତି କରି ଯୁବପିଢ଼ିଙ୍କ ଜୀବନ ସହ ଖେଳୁଥିବା କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସର ପୂର୍ବତନ ସଭାପତି ପ୍ରଭାତ ମହାପାତ୍ର, ସବୀର ହୁସେନ, ନିରୁପମା ବଳିଆରସିଂ, ରାଜ କୁମାର ଯାଦବ, ରବି ରାୟ, ବୀରେନ ସେନାପତି, ରଶ୍ମି ପାଢ଼ୀ, ଶେଖ ଫିରଦୋସ, କୀର୍ତ୍ତନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀରେ ଅଗ୍ନିପଥ ଯୋଜନାକୁ ବିରୋଧ କରି ସେକ୍ଟର-୧୯ ଆମ୍ବଗାନ ଛକ ନିକଟସ୍ଥ ଗୋପବନ୍ଧୁ ପ୍ରତିମୂର୍ତ୍ତି ସମ୍ମୁଖରେ କଂଗ୍ରେସ ନେତା ଶାନ୍ତ ସେଠୀଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ କଂଗ୍ରେସ କର୍ମୀ ସରୋଜ ଲେଙ୍କା, ଝୁନୁ ପଟ୍ଟନାୟକ, ଗଣେଶ ପ୍ରଧାନ, ମନୋଜ ପଟ୍ଟନାୟକ, ରାଜଶ୍ରୀ ମହାପାତ୍ର, ତୁଳସା ନାଗ, ତନ୍ମୟ ସେଠୀ, ପ୍ରଭାକର ଭୋଳ, ରାଜ କିଶୋର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଗଜେନ୍ଦ୍ର ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।


ଜିଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି


ଶିବିରରେ ଜିଲାପାଳଙ୍କ ସମେତ ଅଧିକାରୀ ଓ ଲୋକପ୍ରତିନିଧି।

ନାକଟିଦେଉଳ,୨୭।୬(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୬୦ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିରୁ ୧୮ଟି ଅଭିଯୋଗ ଗୋଷ୍ଠୀଗତ ଓ ୪୨ଟି ଅଭିଯୋଗ ବ୍ୟକ୍ତିଗତ ଥିଲା। ଅଭିଯୋଗ ମଧ୍ୟରୁ ଆବାସ ଯୋଜନା, ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ସର୍ବାଧିକ ଥିବାବେଳେ ରାସ୍ତାଘାଟ, ଜଳସେଚନ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ ଆଦି ରହିଥିଲା । ଏସବୁର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ବି. ଗଙ୍ଗାଧର, ପିଡ଼ି ଡ଼ିଆର୍‌ଡ଼ିଏ ଦିଲୀପ କୁମାର ବଳ, ଉପଜିଲାପାଳ ପବିତ୍ର କୁମାର ବେହେରା, ରେଢାଖୋଲ ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ମେହେର, ନାକଟିଦେଉଳ ବିଡ଼ିଓ ବିବେକାନନ୍ଦ ସାହୁ, ବ୍ଲକ ଅଧକ୍ଷା ସ୍ୱରୁପାରାଣୀ ସାହୁ, ତହସିଲଦାର ସୁକାନ୍ତ କୁମାର ନାଏକଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ ବ୍ଲକ ଅନ୍ତର୍ଗତ ୧୪ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ।

## ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ପାଳିତ

ରାଉରକେଲା ଅଫିସ,୨୭।୬

ରାଉରକେଲା ସେକ୍ଟର-୫ ସ୍ଥିତ ଶ୍ରୀଅରବିନ୍ଦ ଯୋଗ ମନ୍ଦିର ଏନେକ୍ସ ହଲରେ ସୋମବାର ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଏକ ମଣ୍ଡଳସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଜୟଶ୍ରୀ ମାନକି ଶ୍ରୀଅରବିନ୍ଦଙ୍କ କୃତ ସାବିତ୍ରୀ ମହାକାବ୍ୟର ଆବୃତ୍ତି କରିଥିଲେ। ଯୋଗ ମନ୍ଦିର ସଭାପତି ଡକ୍ଟର ଜ୍ୟୋତ୍ସ୍ନା ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଖୋର୍ଦ୍ଧା ଡିଆଇଟିର ଅଧ୍ୟକ୍ଷ ତାପସ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା କ୍ଷେତ୍ରରେ ଶ୍ରୀଅରବିନ୍ଦଙ୍କ ଦର୍ଶନ କିପରି ପରିବର୍ତ୍ତନ ଆଣିପାରିବ ସେ ନେଇ ଆଲୋଚନା କରିଥିଲେ। ସହରର ବିଭିନ୍ନ ସ୍କୁଲର ଅଧ୍ୟକ୍ଷ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅରବିନ୍ଦ ଯୋଗ ମନ୍ଦିର ସଦସ୍ୟ ଗୀତାରାଣୀ ବେହେରା, ସନ୍ଧ୍ୟାରାଣୀ ଲେଙ୍କା, ତପସ୍ୱିନୀ କର, ଜୟଶ୍ରୀ ମାଣିକ, ଦେବସ୍ମିତା ନାୟକ, ଅଞ୍ଜଳି ମହାନ୍ତି, ଶୁଶାନ୍ତ କୁମାର ରାଉତ, ରଞ୍ଜିତ ଦାସ, ବିଶ୍ୱନାଥ ଆଇଚ, କଳ୍ପନା ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶ୍ରୀଅରବିନ୍ଦ ସ୍କୁଲ ଅଧ୍ୟକ୍ଷ ଗୋଦାବରୀଶ ପଢ଼ିଆରୀ ଧନ୍ୟବାଦ ଦେଇଥିଲେ।

## ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଜମି ବିକ୍ରି ଅଭିଯୋଗ

ସମ୍ବଲପୁର,୨୭।୬(ବ୍ୟୁରୋ)

ସମ୍ବଲପୁର ଜିଲା ଶାସନ ଥାନାରେ ଜଣେ ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଜମି ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ପ୍ରଦୀପ ପ୍ରଧାନ, ପ୍ରଶାନ୍ତ ପ୍ରଧାନଙ୍କ ସମେତ ପରିବାରବର୍ଗଙ୍କ ଅଭିଯୋଗ କ୍ରମେ ଗୁଡେସିଂହା ଗ୍ରାମର ଖଣ୍ଡା ପ୍ରଧାନ ଓ ସ୍ତ୍ରୀ ଭାନୁମତି ପ୍ରଧାନଙ୍କ ୨୦୦୧ ମସିହା ପୂର୍ବରୁ ମୃତ୍ୟୁ ଘଟି ସାରିଛି। ଖଣ୍ଡାଙ୍କ ନାମରେ ଗୁଡେସିଂହା ମୌଜାରେ ୪ଏକର ମୂଲ୍ୟବାନ ଜମି ରହିଛି। ମାଫିଆମାନେ ଉକ୍ତ ଜମିକୁ ଚଞ୍ଚକତା କରିବିକ୍ରି କରିଦେଇଛନ୍ତି। ଖଣ୍ଡା ଓ ଭାନୁମତିଙ୍କ ନାମରେ ନକଲି ପରିଚୟ ପତ୍ର ତିଆରି କରି ଶିକିରାପାଲି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଜମି ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଏବେ ଏହା ଜଣାପଡିବା ପରେ ପରିବାର ବର୍ଗ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଶାସନ ଥାନା ଅଧିକାରୀ ଲୋକନାଥ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଏ ନେଇ ଏକ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି। ଅଭିଯୋଗକାରୀଙ୍କୁ ଅବଶ୍ୟକ କାଗଜପତ୍ର ଦାଖଲ କରିବାକୁ କୁହାଯାଇଛି। ସେମାନେ ଏହା ଦାଖଲ କଲେ ମାମଲା ଆଗକୁ ବଢ଼ିବ। ଠକାମି ହୋଇଥିଲେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ମେଗା ନିଯୁକ୍ତି ଶିବିର

ସମ୍ବଲପୁର,୨୭।୬(ବ୍ୟୁରୋ)

ସମ୍ବଲପୁର ଜିଲା ଶାସନ ଦେବେଇପାଲିସ୍ଥିତ ବଦ୍ରିପ୍ରସାଦ ଗ୍ରୁପ୍ ଅଫ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ମେଗା ନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି। ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରଶିକ୍ଷଣ ଓ ନିଯୁକ୍ତି ଅଧିକାରୀ ଇଂ. ରାଜଶେଖର ସିହ୍ନାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଇନ୍‌ଷ୍ଟିଚ୍ୟୁଟ ସମ୍ପାଦକ ସଞ୍ଜୀବ ଅଗ୍ରୱାଲ ଯୋଗଦେଇ ନିଯୁକ୍ତି ବିଷୟରେ ସୂଚନା ଦେଇ କହିଥିଲେ, ଏହି ଶିକ୍ଷାନୁଷ୍ଠାନ ପାଢ଼ପଠା ସହ ନିଯୁକ୍ତିକୁ ଗୁରୁତ୍ୱ ଦେଇଆସୁଛି। ଆଗକୁ ମଧ ଏହି ଧାରା ଜାରି ରହିବ। ଜୁନ ୨୦ରେ ଧୁତ ଟ୍ରାନ୍ସମିସନ ପ୍ରା.ଲି. ଓ ଔରଙ୍ଗାବାଦ ଅଟୋ ଏନସିଲାରୀ ପ୍ରା.ଲି. ସମ୍ବଲପୁର ସରକାରୀ ପଲିଟେକ୍‌ନିକର ୭୦ଜଣ ଛାତ୍ରଙ୍କୁ ଚୟନ କରିଛନ୍ତି। ଏହି ଛାତ୍ରମାନେ ଆସନ୍ତା ଅଗଷ୍ଟରେ କାର୍ଯ୍ୟରେ ଯୋଗ ଦେବେ। ସେହିପରି ମେ ୨୨ରେ ହୋଇଥିବା ନିଯୁକ୍ତି ଶିବିରରେ ଟିପିଡବ୍ଲ୍ୟୁଓଡିଏଲ ଶିକ୍ଷାନୁଷ୍ଠାନର ୬୫ଜଣଙ୍କୁ ଇର୍ଣ୍ଣର୍ନଶିପ ସକାଶେ ନିଯୁକ୍ତି ପ୍ରଦାନ କରିଛନ୍ତି। ଜୁନ ୮ରେ ଭିକ୍ଟୋରା ଇଣ୍ଡଷ୍ଟ୍ରିଜ ପ୍ରା.ଲି. ୨୪ଜଣଙ୍କ ନିଯୁକ୍ତି ଦେଇଛି। ଶିକ୍ଷାନୁଷ୍ଠାନ ପ୍ରିନ୍ସିପାଲ ସୌମ୍ୟଜିତ ମିଶ୍ର ସୂଚନା ପ୍ରଦାନ କରିଥିଲେ।



ନିଯୁକ୍ତି ଶିବିରରେ ଯୋଗଦେଇଥିବା ଅତିଥିମାନେ।

## ସଙ୍କର୍ମା ଗ୍ରାମରେ ପାନୀୟ ଜଳ ସମସ୍ୟା

ସମ୍ବଲପୁର,୨୭।୬(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସଙ୍କର୍ମା ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ଜିଲା ପ୍ରଶାସନ ପାଖରେ ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ଗ୍ରାମରେ ଜଳ ଯୋଗାଣ ପ୍ରକଳ୍ପ ରହିଛି। ହେଲେ ଠିକ୍ ଭାବେ ପାଣି ଯୋଗାଣ ହୋଇ ପାରୁନାହିଁ। ଗତ ୮ ତାରିଖ ଏ ନେଇ ଅଭିଯୋଗ ପରେ ସମସ୍ୟା ସମାଧାନ ହୋଇଯିବ ବୋଲି ବିଭାଗୀୟ ଜେଇ ଗ୍ରାମକୁ ଯାଇ ପ୍ରତିଶ୍ରୁତି ଦେଇଥିଲେ। ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଇଥିଲା। ହେଲେ ୨ରୁ ୩ ଦିନ ପରେ ଆଉ ପାଣି ଦିଆଗଲା ନାହିଁ। ଏହାର ସ୍ଥାୟୀ ସମାଧାନ କରାଯାଉ ବୋଲି ସଙ୍ଗିତା ସାହୁ, ବସୁମତି ଭୋଇ, ସଂଯୁକ୍ତା ଭୋଇ, ସୁକାନ୍ତି ଭୋଇ, ବିଣାପାଣୀ ବେହେରା, ଡାଳିମ୍ବ ଭୋଇ, ବିଲାସିନୀ ନାଏକ, ରଞ୍ଜିତା ଭୋଇ ପ୍ରମୁଖ ଦାବି କରିଥିଲେ ।


ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗ୍ରାମବାସୀ ।

## ୫ବର୍ଷ ପରେ ବି ସରୁନି ବାଇପାସ୍ ରାସ୍ତା

ଜମନକିରା,୨୭।୬(ଡି.ଏନ.ଏ.)

ଜମନକିରା ସଦର ମହକୁମାରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ବାଇପାସ୍ ରାସ୍ତା କାମ ଚାଲିଛି। ୫ବର୍ଷ ପରେ ବି ଏହା ଶେଷ ହୋଇ ପାରିନାହିଁ। ଆଗାମୀ ୧ମାସ ମଧ୍ୟରେ କାମ ଶେଷ ନ ହେଲେ ରାଜରାସ୍ତା ଅବରୋଧ କରାଯିବ ବୋଲି ଜମନକିରା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

ଏନ୍‌ଏଚ୍‌ଏଆଇ ସମ୍ବଲପୁର ଡିଭିଜନ ପକ୍ଷରୁ ୨୦୧୭ରେ ସିନ୍ଦୂରପଙ୍କଠାରୁ ଗୌଡ଼ପାଲି ଓ ଚିନିମହୁଲଠାରୁ ଦେବଗଡ଼ ଜିଲା ଗୁଣେଇମୁରା ପର୍ଯ୍ୟନ୍ତ ରାସ୍ତାକୁ ପୁଞ୍ଜଲୟଡ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ତେବେ ସମ୍ପୃକ୍ତ ସଂସ୍ଥା ଠିକ୍‌ରେ କାମ ନ କରିବାରୁ ଏନ୍‌ଏଚ୍‌ଏଆଇ ରାୟପୁରର ଏକ ଠିକା ସଂସ୍ଥାକୁ ୨୦୧୯ରେ କାର୍ଯ୍ୟଭାର ଦେଇଥିଲା। ଏହି ୪ଥାକିଆ ରାସ୍ତା ମଧ୍ୟରେ ଜମନକିରା ବାଇପାସ୍ ମଧ ରହିଛି। ଏହି ରାସ୍ତା ଶେଷ ହେବାର ଅବଧି ୨ବର୍ଷ ରହିଥିଲା। ଇତିମଧ୍ୟରେ ୫ବର୍ଷରୁ ଅଧିକ ସମୟ ବିତିଯାଇଥିବା ସତ୍ତ୍ୱେ ରାଜରାସ୍ତା ଓ ବାଇପାସ୍ ପୋଲ ନିର୍ମାଣ ଶେଷ ହୋଇନାହିଁ। ସେହିପରି ଜମନକିରା ଗାଁ ଦେଇ ଯାଇଥିବା ପୁରୁଣା ରାସ୍ତାର ମରାମତି ଠିକ୍‌ରେ କରାଯାଉ ନ ଥିବାରୁ ଏହା ଶୋଚନୀୟ ହୋଇପଡ଼ିଛି। ୧ମାସ ମଧ୍ୟରେ କାମ ସମ୍ପୂର୍ଣ୍ଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଅବଗତ କରାଯାଇଛି। ଏ ସମ୍ପର୍କରେ ସମ୍ବଲପୁର ଏନ୍‌ଏଚ୍‌ଏଆଇ ପିଡି ଆର୍.ଏନ୍. ରାଓଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ବାଇପାସ୍ ରାସ୍ତା କାମ ଶେଷ କରାଯିବ ଏବଂ ପୁରୁଣା ରାସ୍ତାକୁ ପିଡବ୍ଲ୍ୟୁଡି ବିଭାଗକୁ ହସ୍ତାନ୍ତର କରି ଟେଣ୍ଡର ପରେ କାର୍ଯ୍ୟ କରାଯିବ ବୋଲି କହିଥିଲେ।


ଅସମ୍ପୂର୍ଣ୍ଣ ରହିଥିବା ରାସ୍ତା।

**ରାସ୍ତାରୋକୋ ଚେତାବନୀ**

